ବର୍ଷ-୨୪, ସଂଖ୍ୟା-୨୮୩
ଭୁବନେଶ୍ୱର
୧୬ ନଭେମ୍ବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 283
Bhubaneswar
16 November, 2024 Saturday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଐତିହାସିକ କଟକ ବାଲିଯାତ୍ରା ଉଦଘାଟିତ

**ଭୁବନେଶ୍ୱର,୧୫।୧୧(ମହଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକରେ ପ୍ରସିଦ୍ଧ ଓ ଉତ୍ସାହରେ ଭରପୁର ବାଲିଯାତ୍ରାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶାର ଗୌରବମୟ ଇତିହାସର ଏକ ସୁନ୍ଦର ପରିଚୟ ହେଉଛି ଏହି ବାଲିଯାତ୍ରା। ଏହାକୁ ବାଦ ଦେଇ ଓଡ଼ିଶାରେ ନୌବାଣିଜ୍ୟ ଇତିହାସ ସମ୍ପର୍କରେ ଚିନ୍ତା ମଧ୍ୟ କରାଯାଇ ପାରିବ ନାହିଁ। କଟକ ବାଲିଯାତ୍ରା ହେଉଛି ବ୍ୟବସାୟ ଓ ପରମ୍ପରାର ଅପୂର୍ବ ସମ୍ମିଶ୍ରଣ। କଟକର ବାଲିଯାତ୍ରା ସମଗ୍ର ଭରତ ବର୍ଷର ସବୁଠାରୁ ବଡ ଓ ଶ୍ରେଷ୍ଠ ବାଣିଜ୍ୟିକ ଏବଂ ସାଂସ୍କୃତିକ ମେଳା। ବାଲିଯାତ୍ରା ଆମ ଓଡ଼ିଶାର କଳା ସଂସ୍କୃତି ସହିତ ଧାର୍ମିକ ଭାବନା ସହିତ ଓତପ୍ରୋତ ଭାବେ ଜଡ଼ିତ ବୋଲି ପ୍ରକାଶ କରି କହିଲେ ଧାର୍ମିକ, ଐତିହାସିକ, ସାଂସ୍କୃତିକ ଓ ପାରମ୍ପରିକ ସବୁ ଦୃଷ୍ଟିକୋଣରୁ ଏହାର ବୈଶିଷ୍ଟ୍ୟ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଏ ବର୍ଷ ବାଲିଯାତ୍ରାରେ ରେକର୍ଡ ସଂଖ୍ୟକ ବ୍ୟବସାୟ ହେବ ଏବଂ ରେକର୍ଡ ସଂଖ୍ୟକ ଲୋକେ ବୁଲି ଆସିବେ।

କଟକ ସହରର ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଏଥିପାଇଁ ଆମ ସରକାର ଅନେକ ଯୋଜନା କରିଛନ୍ତି। ସାବରମତି ରିଭର ଫ୍ରଣ୍ଟ ପ୍ରକଳ୍ପ ଭଳି କଟକରେ ମଧ୍ୟ ମହାନଦୀରେ ବିଶ୍ୱ ସ୍ତରୀୟ ରିଭର ଫ୍ରଣ୍ଟର ବିକାଶ କରାଯିବ। ମହାନଦୀ ରିଭର୍



ଫ୍ରଣ୍ଟର ବିକାଶ ପାଇଁ ପୂର୍ବରୁ ବଜେଟ୍ ରେ ୫୦ କୋଟି ଟଙ୍କାର ପ୍ରାବଧାନ ଥିଲା ଆଜି ଏହି ମଞ୍ଚରେ ଏଥିପାଇଁ ଆଉ ଅଧିକ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଣିକି ସମୁଦାୟ ୨୦୦ କୋଟି ବଜେଟ୍ ବ୍ୟବସ୍ଥାରେ ଉଭୟ କଟକ ଓ ସମ୍ବଲପୁର ମହାନଦୀ ରିଭର ଫ୍ରଣ୍ଟର ବିକାଶ କରାଯିବ। କଟକ ସହରର ରାସ୍ତାଘାଟର ବିକାଶ ହେବ ଏବଂ ଏକ ଆଧୁନିକ ସ୍ମାର୍ଟ ସିଟିରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବ। ଭୁବନେଶ୍ୱରରୁ କଟକକୁ ମେଟ୍ରୋ ରେଳସେବା ସହିତ ଯୋଡାଜିବ। ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ମିଳିବା ପାଇଁ ଉଦ୍ୟମ କରାଯିବ। କଟକ ସହର ଆମ ଐତିହ୍ୟର ବାର୍ତ୍ତାବହ। ଏହାକୁ ଏକ ସୁନ୍ଦର ଓ ଆଧୁନିକ ସହରରେ ପରିଣତ କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କଟକ ବାଲିଯାତ୍ରା ହେଉଛି ଆମ ଓଡିଶାର ସବୁଠାରୁ ପ୍ରସିଦ୍ଧ ଉତ୍ସବ ମାନଙ୍କ ମଧ୍ୟରେ ଅନ୍ୟତମ। କଟକ ସହରର ଗର୍ବ ଓ ଗୌରବମୟ ହଜାର ବର୍ଷର ସହର ହେଉଛି କଟକ। କଟକର ପ୍ରତିଟି ମାଟି କଣିକାରେ ଭରି ରହିଛି ଗୌରବମ। ଐତିହ୍ୟର ବାସ୍ନାଏ ସହର ହେଉଛି ସ୍ନେହ ଶ୍ରଦ୍ଧା ଓ ଭାଇଚାରାର ସହର। ଆଧୁନିକତାର ଝକଟକ୍ୟରେ କଟକସହରବାସୀ ଯାହାଙ୍କୁ ଶ୍ରଦ୍ଧାରେ 'କଟକିଆ' ବୋଲି କୁହାଯାଏ ଏହି ଭାଇଚାରାକୁ ଉଜ୍ଜୀବିତ କରି ରଖିଛନ୍ତି, ଯାହା ଆଜିକାଲି ଦେଖିବାକୁ ମିଳେନାହିଁ।

ମୁଖ୍ୟମନ୍ତ୍ରୀ ୧୪ ଟି ଦେଶରୁ ଆସିଥିବା ରାଷ୍ଟ୍ରଦୂତ ମାନଙ୍କୁ ସ୍ମାରକୀ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଲେ ଯେ, ନୂଆ ସରକାର ଆଜି ଗୋଟିଏ ମଞ୍ଚରେ ଶାସକ, ପ୍ରଶାସକ ଏବଂ ରାଷ୍ଟ୍ରଦୂତ ମାନଙ୍କୁ ଏକାଠି କରି ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଆମ ପରମ୍ପରା ସବୁକୁ ଆଗେଇ ନେବାକୁ ହେବ। ଏଥି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

କଟକ ସାଂସଦ ଭର୍ତ୍ତୃହରି ମହତାବ କହିଲେ ଯେ, ଓଡ଼ିଶା ଏବଂ ଦେଶ ବିଦେଶରେ ବାଲିଯାତ୍ରା କହିଲେ କଟକ ବାଲିଯାତ୍ରାକୁ ବୁଝାଏ। ନୂଆ ସରକାର ଏଥର ନୂଆ ଢଙ୍ଗରେ ବାଲିଯାତ୍ରା ଆୟୋଜନ କରିଛି। କଟକ ଏକ ଐତିହ୍ୟ ସମ୍ପନ୍ନ ସହର। ବହୁ ପର୍ଯ୍ୟଟନ ଐତିହ୍ୟ ଏଠାରେ ରହିଛି। ପୁରୀ, କୋଣାର୍କ, ଚିଲିକା ସହିତ କଟକକୁ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସାମିଲ୍ କରିବା ପାଇଁ ସେ ଅନୁରୋଧ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସାଂସଦ ବିଭୁ ପ୍ରସାଦ ତରାଇ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ, କଟକ-ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, କଟକ ମେୟର ସୁବାଷ ଚନ୍ଦ୍ର ସିଂହ, ଇଷ୍ଟ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ସଚିବ ଜୟଦୀପ ମଜୁମଦାର କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ।

୧୪ଟି ଦେଶର ରାଷ୍ଟ୍ରଦୂତଙ୍କ ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଯୋଗ ଦେଇଥିଲେ। କଟକ ଜିଲାପାଳ ଦତା ତ୍ରେୟ ସିନ୍ଧେ ସ୍ୱାଗତ ଭାଷଣ ଦେଇଥିଲେ।

## ୧୮, ୨୫ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

**ଭୁବନେଶ୍ୱର,୧୫।୧୧(ମହଭାରତ):** ଆସନ୍ତା ନଭେମ୍ବର ୧୮ ତାରିଖ ଏବଂ ନଭେମ୍ବର ୨୫ ତାରିଖ ଉଭୟ ସୋମବାରରେ ଭୁବନେଶ୍ୱର, ୟୁନିଟ -୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି। ଏହାପୂର୍ବରୁ ନଭେମ୍ବର ୪ ଓ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା। ସେହିଭଳି ବାତ୍ୟା 'ଦାନା' ଓ ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୮ ରେ ଭୁବନେଶ୍ୱର ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିଥିଲା।

## ପାଣିରେ ବୁଡ଼ି ୫ ମୃତ

**ଭୁବନେଶ୍ୱର,୧୫।୧୧ (ମହଭାରତ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆଜି ସକାଳୁ ରାଜ୍ୟବ୍ୟାପି ଗାଁରୁ ସହର ଯାଏଁ ଶ୍ରଦ୍ଧାର ଡଙ୍ଗା ଭସାଯାଇଛି। ଏହି ଖୁସିର ପର୍ବରେ କିଛି ସ୍ଥାନରେ ଅଘଟଣ ଘଟିଛି, ଯେଉଁଥିରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନଙ୍କର ବୟସ ୩ରୁ ୧୨ ବର୍ଷ ମଧ୍ୟରେ ଥିବା ଜଣାପଡ଼ିଛି। ପାଣିରୁ ଡଙ୍ଗା ସଂଗ୍ରହ କରୁଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୩ ଜଣ ନାବାଳିକା ଓ ବାଳକଙ୍କର ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ବସ୍ତା ଥାନା ପଣିସାପଡ଼ା ଗାଁର ୨ ଜଣ ନାବାଳିକା ଓ ଖଇରା ଥାନା ସାଉଁଣ୍ଡିଆ ଗାଁର ଜଣେ ବାଳକ ଅଛନ୍ତି। ସେହିପରି କଟକ ଜିଲ୍ଲା ସାଲେପୁର ଓ ମାଲକାନଗିରି ଜିଲ୍ଲାର ଚମ୍ପାନଗରରେ ଜଣେ ନାବାଳିକାର ମୃତ୍ୟୁ ହୋଇଛି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବସ୍ତା ଥାନା ପଣିଶାପଡା ଗାଁର ଦିଲ୍ଲୀପ କୁମାର ଦାସ ଓ ମାନସ ନନ୍ଦଙ୍କ ପରିବାର ସହିତ ଗାଁର ଅନ୍ୟମାନେ ପୋଖରୀରେ ଡଙ୍ଗା ଭସାଇଥିଲେ। ପରିବାର ଲୋକଙ୍କ ସହ ସେମାନଙ୍କ ଦୁଇ କୁନି ଝିଅ ମଧ୍ୟ ଡଙ୍ଗା ଭସାଇବାକୁ ଯାଇଥିଲେ। ଡଙ୍ଗା ଭସା ପରେ ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ ଥିବା ବେଳେ ଦୁଇ ସାଙ୍ଗ (୩ ଓ ୫ ବର୍ଷ) ଘର ପାଖ ପୋଖରୀ ନିକଟରେ ଖେଳୁଥିଲେ। ମଧ୍ୟାହ୍ନରେ ପରିବାର ଲୋକ ଦୁଇ ଝିଅଙ୍କୁ ଖୋଜା ଖୋଜି କରିଥିଲେ। ହେଲେ ପାଇନଥିଲେ। ଅପରାହ୍ନରେ ଗାଁ ଲୋକେ ପୋଖରୀରେ ଜାଲ ପକାଇ ଖୋଜିଥିଲେ। ସେତେବେଳେ ଦୁଇ ସାଙ୍ଗଙ୍କୁ ପାଇଥିଲେ। ଉଭୟଙ୍କୁ ଉଦ୍ଧାର କରି ମେଡ଼ିକାଲ୍କୁ ନେଇଥିଲେ। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ଶିଶୁ ଡଙ୍ଗା ଆଣିବାକୁ ଯାଇଥିବା ପାଣିରେ ବୁଡ଼ି ଯାଇଥିବା ଅଭିଯୋଗ ହେଉଛି। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତର୍ଗତ ବସ୍ତା ଥାନା ଅଧୀନ ମାଖନପୁର ଗ୍ରାମପଞ୍ଚାୟତର ସାଉଣ୍ଡିଆ ଗ୍ରାମର ମଧୁସୂଦନ ମଲିକ ଙ୍କର୍ ପୁତ୍ର ଆଶୁତୋଷ ମଲିକ(୩)ଙ୍କ ମୃତ୍ୟୁ ହୋଇଛି। ସେ ଡ଼ଙ୍ଗା ଆଣିବାକୁ ଯାଇ ବୁଡ଼ିଯାଇ ଥିଲା। ପରିବାର ଓ ଗ୍ରାମବାସୀମାନେ ଖୋଜାଖୋଜି ପରେ ପୋଖରୀରେ ଆଶୁତୋଷକୁ ଉଦ୍ଧାର କରାଯାଇଥିଲଶ। ଡାକ୍ତରଖାନାରେ ଆଶୁତୋଷକୁ ଡକ୍ଟର ମୃତ ଘୋଷଣା କରିଥିଲେ। ସେହିପରି କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣି ସମୟରେ ମାଲକାନଗିରି ନିକଟସ୍ଥ ଚମ୍ପାନଗର ଗ୍ରାମରେ ଅଘଟଣ ଘଟିଛି।

## ପୁଅ, ଝିଅକୁ ଚେକ୍ଙ୍କ

**ଭୁବନେଶ୍ୱର,୧୫।୧୧ (ମହଭାରତ):** ରାଜଧାନୀର ମୈତ୍ରୀ ବିହାର ଥାନା ଅନ୍ତର୍ଗତ ମହାବୀର ନଗର ବସ୍ତି ଅଞ୍ଚଳରୁ ନଜରକୁ ଆସିଛି ଛାତିଥରା ଘଟଣା। ବାପାର ଅନୁପସ୍ଥିତିରେ ମାଆ ପର ପୁରୁଷ ସହ ସମ୍ପର୍କ ରଖିଥିଲା। ଏମିତିକି ଯୁବକ ଜଣକ ସବୁଦିନ ଘରକୁ କରୁଥିଲା ଯିବା ଆସିବା। ହେଲେ ଏହି ସବୁକୁ ବରଦାସ୍ତ କରି ପାରିଲେନି ଭାଇ-ଭଉଣୀ । ଏହି ଘଟଣାକୁ ବିରୋଧ କରିବାରୁ ଦୁଷ୍ଟ ହେଉଥିବା ଆଳ ଦେଖାଇ ପ୍ରେମିକ ହାତରେ ଚେଙ୍କ ଦେଇଥିଲା ମାଆ। ଘଟଣା ସାମ୍ନାକୁ ଆସିବା ପରେ ପୁଲିସ ତୁରନ୍ତ ଦୁଇପିଲାଙ୍କୁ ଉଦ୍ଧାର କରି ସେମାନଙ୍କ ବୟାନ ରେକର୍ଡ କରିଛି। ଏହାସହ ମାଆକୁ ଅଟକ ରଖି ଜେରା କରୁଛି। ତେବେ ଫେରାର ହୋଇଯାଇଛି ପ୍ରେମିକ।

## ଶ୍ରୀମନ୍ଦିରକୁ ୪ ଦ୍ୱାର ଦେଇ ପ୍ରବେଶ କରିବେ ଶ୍ରଦ୍ଧାଳୁ

**ପୁରୀ,୧୫।୧୧(ମହଭାରତ):** ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରରେ ପ୍ରବେଶ ନେଇ ଥିବା କଟକଣା ନେଇ ସଂସ୍କାର ଅଣାଯାଇଛି। ଏଣିକି ଭକ୍ତମାନେ ଶ୍ରୀମନ୍ଦିରର ଚାରି ଦ୍ୱାର ଦେଇ ପ୍ରବେଶ କରିବେ। କିନ୍ତୁ ଫେରିବା ବେଳକୁ ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ଟି ଦ୍ୱାର ଦେଇ ଫେରିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ଏନେଇ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବ ସରକାରରେ ଶ୍ରୀମନ୍ଦିରକୁ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରାଯିବାର ବ୍ୟବସ୍ଥା ଥିଲା। ସାଧାରଣ ନିର୍ବାଚନ-୨୦୨୪ ସମୟରେ ଭାରତୀୟ ଜନତା ପାର୍ଟି (ବିଜେପି) ଏହାକୁ ମଧ୍ୟ ଏକ ପ୍ରସଙ୍ଗ କରିଥିଲା। ରାଜ୍ୟରେ ସରକାର ଗଢ଼ିଲେ ଶ୍ରୀମନ୍ଦିରର ୪ ଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲି ଦିଅଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହି ଆଧାରରେ ବିଜେପି ସରକାର ଯେତେବେଳେ କ୍ଷମତାକୁ ଆସିଲା, ଜୁନ୍ ମାସରେ ୪ ଦ୍ୱାର ଖୋଲି ଦେଇଥିଲେ। ଶ୍ରୀମନ୍ଦିରର ୪ଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିବା ଦ୍ୱାରା ଭିତର



ପାର୍ଶ୍ୱରେ ପ୍ରବଳ ଭକ୍ତମାନଙ୍କର ଗହଳି ଲାଗିଥିଲା। ଏନେଇ ଅନେକ ଶ୍ରଦ୍ଧାଳୁମାନେ ବ୍ୟବସ୍ଥା ନେଇ ଅଭିଯୋଗ ଆଣିଥିଲେ। କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ଭିଡ଼କୁ ଦୃଷ୍ଟିରେ ସରକାର ନିଷ୍ପତ୍ତି ପରିବର୍ତ୍ତନ କରିଥିଲେ। ୪ ଦ୍ୱାର ବଦଳରେ ଭକ୍ତମାନଙ୍କୁ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବାର ବ୍ୟବସ୍ଥା ଥିଲା। ଆଜି ପୂର୍ଣ୍ୟମାସ କାର୍ତ୍ତି ସରିଯାଇଛି। ଆସନ୍ତାକାଲି ଠାରୁ ମାର୍ଗଶୀର ଆରମ୍ଭ ହେବ। ଏହି ଅବସରରେ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଶ୍ରୀମନ୍ଦିର ପ୍ରଶାସନକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି।

## ଜଳିଗଲେ ବ୍ୟବସାୟୀ

**ଭୁବନେଶ୍ୱର,୧୫।୧୧(ମହଭାରତ):** କପଡ଼ା ଦୋକାନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଳ୍ପ କିଛି ସମୟ ମଧ୍ୟରେ ନିଆଁ ଭୟଙ୍କର ରୂପ ନେଇଛି। ଏହି ଅଗ୍ନିକାଣ୍ଡରେ ଦୋକାନର ମାଲିକଙ୍କ ମୃତ୍ୟୁ ହୋଇଛି। ଲକ୍ଷାଧିକ ଟଙ୍କାର କପଡ଼ା ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅଧୀନ ରାଜାବଜାରରେ ଆଜି ଅପରାହ୍ଣରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତି ହେଲେ ସ୍ଥାନୀୟ ଅଞ୍ଚଳର ସୂର୍ଯ୍ୟକାନ୍ତ ମହାପାତ୍ର। ପୁଲିସ କହିଛି, ସ୍ଥାନୀୟ ରାଜାବଜାରରେ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ କପଡ଼ା ଦୋକାନ ରହିଛି। ଗୌରୀ ଗାରମେଣ୍ଟ ନାମରେ ଥିବା ଏହି ଦୋକାନ ଦୁଇଟି ମହଲାରେ ରହିଛି। ସବୁଦିନ ପରି ଆଜି ମଧ୍ୟ ପୂର୍ବାହ୍ଣରେ ସୂର୍ଯ୍ୟକାନ୍ତ ଦୋକାନ ଖୋଲିଥିଲେ। ଅପରାହ୍ଣ ସମୟରେ ଦୋକାନର ଉପର ମହଲାରେ ଥିଲେ। ଏହି ସମୟରେ ତଳ ମହଲା ଦୋକାନରେ ନିଆଁ ଲାଗିଥିଲା। ଅଳ୍ପ ସମୟ ମଧ୍ୟରେ ଏହି ନିଆଁ ଉଗ୍ର ରୂପ ନେଇଥିଲା। ହୁତୁହୁତୁ ଜଳି ଦୋକାନର ସବୁ କପଡ଼ା ପାଉଁଶ ହୋଇଯାଇଥିଲା।

## ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

**ପାରାଦୀପ,୧୫।୧୧(ମହଭାରତ):** ଚଳିତ ବର୍ଷ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦେଇ ପରମ୍ପରାକୁ କାଏମ ରଖିଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ଗୁରୁବାର ପାରାଦୀପ ପୋର୍ଟର ୱେଟ୍ ବେସିନ ଠାରେ ବୋଇତ ବନ୍ଦାଣ ଉତ୍ସବ ଓ ବନ୍ଦର ଦିବସରେ ଯୋଗଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ୱେଟ ସେସିନରେ ସପତ୍ନୀକ ପହଂଚିବା ପରେ ପାରମ୍ପରିକ ଲୋକନୃତ୍ୟ ସହ ତାଙ୍କୁ ହୋମ ମଣ୍ଡପ ନିକଟକୁ ପାଛୋଟି ନିଆଯାଇଥିଲା। ପରେ ପାରମ୍ପରିକ କଳସ ପୂର୍ବରୁ ସୁସଜ୍ଜିତ ସାଧବ ସାଧବାଣୀଙ୍କୁ ହସ୍ତାନ୍ତର କରିଥିଲେ। ସାଧବ ମାନଙ୍କୁ ମେଲାଣି ଦେବା ଉଦ୍ଦେଶ୍ୟରେ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଇତକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଅଭିବାଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଓଡ଼ିଶାର ସମସ୍ତ ପର୍ବ ଧାର୍ମିକ ଭାବନା ସହ ଜଡ଼ିତ, ବୋଇତ ବନ୍ଦାଣ ଓ ବାଲିଯାତ୍ରା



ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଇତିହାସ ସହ ସଂପୃକ୍ତ। ସେହି ପୂର୍ବ ଗୌରବ ଓ ଇତିହାସ ଗାଥାକୁ ମନେପକାଇବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି। କଳିଙ୍ଗର ମହାନ୍ ନୌବାଣିଜ୍ୟ ପରମ୍ପରା ଏ ମାଟିର ବୀର ସାଧବ ପୁଅମାନଙ୍କର ଦୁଃସାହସିକ ଜଳଯାତ୍ରା ସହ ପୃଥିବୀର ବିଭିନ୍ନ ଭୂଖଣ୍ଡ ସହ ବାଣିଜ୍ୟିକ ସମ୍ପର୍କକୁ ଉନ୍ମୋଚନ କରେ। ପାରାଦ୍ୱୀପର ନାମ ସ୍ମରଣ କଲେ ଦେହରେ ଅଦ୍ଭୁତ ଶୀହରଣ ସୃଷ୍ଟିହୁଏ, ୧୯୬୨, ଜାନୁୟାରୀ ମାସରେ ବେଳାଭୂମିର ଶାନ୍ତ କମନୀୟ କ୍ରୋଡରେ ଯେଉଁଠି ଦିନେ ହେନ୍ତାଳର ଜଙ୍ଗଲ, ମଶା-ମାଛି, ସରୀସୃପ ଓ ସନ୍ତସନ୍ତିଆ ଭୂଇଁ ସୃଷ୍ଟି କରିଥିଲା, ସେଠାରେ ସୃଷ୍ଟିହୁଏ ବିରାଟ ସୌଧମୟୀ ନଗରୀ, ଆଧୁନିକ ଓଡ଼ିଶାର ପ୍ରଗତି ଦ୍ୱାର, ଅର୍ଥନୀତିର କୋଣାର୍କ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତ୍ସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜିଲ୍ଲାପାଳ ଜେ. ସୋନାଲ, ଓଡ଼ିଶା ପୋଲିସ୍ କେନ୍ଦ୍ରାଂଚଳ ଡିଆଇଜି ଚରଣ ସିଂ ମୀନା ପ୍ରମୁଖ ମଂଚାସୀନ ଥିଲେ। ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ସ୍ୱାଗତ ଭାଷଣ ପ୍ରଦାନ ସହ ପାରାଦୀପ ବନ୍ଦରର ଅଭୂତପୂର୍ବ ସଫଳତା ଉପରେ କହିଥିଲେ। ପାରାଦୀପ ବନ୍ଦର ସଂପ୍ରତି ଦେଶର ୧ନଂ ବନ୍ଦରରେ ପରିଣତ ହୋଇଛି। ୨୦୪୭ ସୁଦ୍ଧା ବନ୍ଦରର ଦକ୍ଷତା ୫୦୦ ନିୟୁତ ମେଟ୍ରିକ୍ ଟନ୍କୁ ବୃଦ୍ଧି କରାଯିବା ସହ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିବ ବୋଲି ଆଶା ରହିଛି।

## ମାସକରେ ୨ ଶହ ଚେନ୍ ଲୁଟ୍

**ଭୁବନେଶ୍ୱର,୧୫।୧୧(ମହଭାରତ):** ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ହିଂସାର ମାତ୍ରା ବଢ଼ିବାରେ ଲାଗିଛି। ଚୋରି, ଠକେଇ, ଲୁଟ୍, ରାହାଜାନୀ ଆଦି ଘଟଣା ବଢ଼ିଚାଲିଛି। ସେହିପରି ଘରୋଇ କଳି ଓ ପାରିବାରିକ ହିଂସା ମଧ୍ୟ ସୀମା ଅତିକ୍ରମ କରିଛି। ବ୍ରାଉନ୍ସୁଗାର ବ୍ୟାପର, ମଦ-ଗଞ୍ଜେଇ କାରବାର ମଧ୍ୟ କିଛି କମ୍ ନୁହେଁ। ସନ୍ଧ୍ୟା ପରେ ଜଣେ ମହିଳା ଏକାକୀ ଚାଲିବା ମଧ୍ୟ ସୁରକ୍ଷିତ ମନେ କରୁନାହାନ୍ତି। ରାଜଧାନୀରେ ବାରମ୍ବାର ହେଉଥିବା ଚେନ୍ ଲୁଟ୍କୁ ନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି। ଶ୍ରୀ ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ଗତ ୧ ମାସ ଭିତରେ ୨ ଶହରୁ ଉର୍ଦ୍ଧ୍ୱ ଚେନ୍ ଲୁଟେରାଙ୍କୁ ଧରାଯାଇଛି। ତଥାପି ଗହଳି ସ୍ଥାନରେ ସେମାନେ ସକ୍ରିୟ ହେଉଛନ୍ତି। ଷ୍ଟ୍ରିଟ କ୍ରାଇମ୍ ରୋକିବାକୁ ସବୁବେଳେ ଆମର ସ୍ୱତନ୍ତ୍ର ଡ୍ରାଇଭ୍ ଚାଲୁଛି। ଏୟାରଫିଲଡ଼ ଥାନା ଲବଣଗିରିରେ ଘଟିଥିବା ଲୁଟ ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି, ତାହା ଅତ୍ୟନ୍ତ ଦୁଃଖଦ ଓ ସମ୍ବେଦନଶୀଳ ଘଟଣା। ଏଭଳି କାଣ୍ଡ ଭିଆଇଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ, ସେମାନଙ୍କୁ ଧରିବା ପାଇଁ ପୁଲିସ ପ୍ରତିଶ୍ରୁତିବଦ୍ଧ।

## ବିର୍ସା ମୁଣ୍ଡା ଆମ ସ୍ୱାଧୀନତା ସଂଗ୍ରାମର ଏକ ଅନନ୍ୟ ଯୋଦ୍ଧା

**ଭୁବନେଶ୍ୱର,୧୫।୧୧(ମହଭାରତ):** ମହାସମାରୋହରେ ପାଳିତ ହୋଇଛି ଜନଜାତୀୟ ଗୌରବ ଦିବସ। ଦେଶବ୍ୟାପୀ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉତ୍ସବ ବିହାରର ଜାମୁଇ ଠାରେ ପାଳନ କରାଯାଇଥିବା ବେଳେ ଭୁବନେଶ୍ୱରର ଜନତା ମଇଦାନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏହି ସମାବେଶରେ ଉଦବୋଧନ ଦେଇ ଜନଜାତି ମାନଙ୍କ ବିକାଶ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିସ୍ଥାପନ କରିବା ସହିତ ଆଦିବାସୀମାନଙ୍କର ବିକାଶ ପାଇଁ ହାତ ଖୋଲି ଅନୁଦାନ ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ବିର୍ସା ମୁଣ୍ଡା ଆମ ସ୍ୱାଧୀନତା ସଂଗ୍ରାମର ଏକ ଅନନ୍ୟ ଯୋଦ୍ଧା। ବିର୍ସା ମୁଣ୍ଡାଙ୍କ ସଂଗ୍ରାମର କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ରହିବ। ଆଦିବାସୀ ମାନଙ୍କ ଉନ୍ନତି ପାଇଁ ତାଙ୍କ ଅବଦାନକୁ ଦେଶ ଓ ଜାତି କେବେ ଭୁଲିବ ନାହିଁ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ହେଉଛି ଆମ ଜନଜାତି ସମ୍ପ୍ରଦାୟଙ୍କ ସମୃଦ୍ଧ ପରମ୍ପରାକୁ ସମ୍ମାନ ଜଣାଇବାର ଦିବସ। ଏହି ଅବସରରେ ସେ ମହାନ୍ ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ ନାୟକ, ରତ୍ନା ନାୟକ, ଚକରା ବିଷୋଇ, ଦୋରା ବିଷୋଇ, ରେଣ୍ଡୋ ମାଝୀଙ୍କ ପରି ଦେଶ ଭକ୍ତଙ୍କ ବଳୀଦାନ ଓ ତ୍ୟାଗକୁ



ମଧ୍ୟ ସ୍ମରଣ କରିଥିଲେ। ଏହି ମହାନ୍ ସଂଗ୍ରାମୀ ମାନେ ଆମ ଦେଶର ଇତିହାସ ଓ ସଂସ୍କୃତିକୁ ନୂତନ ରୂପ ଦେବାରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ବୋଲି ସେ କହିଥିଲେ।

ବିର୍ସା ମୁଣ୍ଡାଙ୍କ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜି ଜନଜାତୀୟ ଗୌରବ ଦିବସର ପବିତ୍ର ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାରର ଜାମୁଇଠାରେ ଉପସ୍ଥିତ ରହି 'ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା' ଅଧୀନରେ ଅନେକ କଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି। ଏହି ଅଭିଯାନର ମୂଳ ଲକ୍ଷ୍ୟ ରହିଛି ଜନଜାତି ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଜୀବିକା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂରକରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା। ଓଡିଶାର ୨୭ଟି ଜିଲ୍ଲାର ୭ ହଜାର ୬ ଶହ ୬୭ଟି ଗ୍ରାମକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ଜନଜାତିଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏଥିରେ ୧୬ଟି ଆଶ୍ରମ ସ୍କୁଲକୁ ହାଇସ୍କୁଲରେ ପରିଣତ କରାଯିବ। ପ୍ରତ୍ୟେକ ସ୍କୁଲ ପିଛା ୧୫କୋଟି ଟଙ୍କା ଭାବରେ ସମୁଦାୟ ୨୪୦ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୧୩ଟି ମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବ। ଏଥିପାଇଁ ପ୍ରତ୍ୟେକ ସ୍କୁଲ ପିଛା ୨୨ କୋଟି ଟଙ୍କା ହିସାବରେ ୨୮୬ କୋଟି ଟଙ୍କା ବିନିଯୋଗ ହେବ। ୪୨୬ଟି ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲ ନିର୍ମାଣ ପାଇଁ ୮୫୨ କୋଟି ଟଙ୍କା ଖର୍ଚ୍ଚ କରାଯିବ।

# ସିଝା ମାଛ ମସଲା

ଆବଶ୍ୟକ ସାମଗ୍ରୀ: ମାଛ,ହଳଦୀ ଗୁଣ୍ଡ,ଗରମ ମସଲା, ଅଦାରସୁଣ ବଟା, କଟା ପିଆଜ,ଧଳା ସୋରିଷ ବଟା,ବସା ଦହି,କଞ୍ଚା ଲଙ୍କା,ଅଦାରସୁଣ କଟା,ଗରମ ମସଲା ଗୁଣ୍ଡ,ଲୁଣ ଓ ତେଲ । ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ମାଛକୁ ଧୋଇ ସେଥିରେ ହଳଦୀ ଗୁଣ୍ଡ,ଲଙ୍କା ଗୁଣ୍ଡ,ଗରମ ମସଲା ,ଅଦାରସୁଣ ବଟା,କଟା ପିଆଜ,ଧଳା ସୋରିଷ ବଟା,ବସା ଦହି କଞ୍ଚା ଲଙ୍କା ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ କଡେଇରେ ପାଣି ଫୁଟାଇ ସେଥିରେ ତେଲ ପକାନ୍ତୁ । ଏବେ ସେଥିରେ ମ୍ୟାରିନେଟ ହୋଇଥିବା ମାଛକୁ ପକାନ୍ତୁ । ତା'ପରେ ସେଥିରେ କଟା ଅଦାରସୁଣ,ଗରମ ମସଲା ଗୁଣ୍ଡ,କଟା ପିଆଜ,ଗୋଟା କଞ୍ଚା ଲଙ୍କା ଓ ଅଳ୍ପ ଲୁଣ ପକାଇ ଘୋଡଣୀ ଘୋଡାଇ ଦିଅନ୍ତୁ । ୫ରୁ୭ ମିନିଟ୍ ପରେ ଘୋଡଣୀ ବାହାର କରି ମାଛ ଗୁଡିକୁ ଓଲଟାଇ ଦିଅନ୍ତୁ ଓ ପୁଣି ଘୋଡଣୀ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ସିଝା ମାଛ ମସଲା' ।



ଖବର

# ଦୃଶ୍ୟରେ ଉତ୍କୃଷ୍ଟ, କାହାଣୀରେ ଶୁଷ୍କ ଗ୍ଲାଡିଏଟର୍ ୨




ରୋମ୍ ସାମ୍ରାଜ୍ୟ ଇତିହାସର ପ୍ରତୀକ ପାଲଟିଥିବା 'କଲୋସିଅମ୍' ଓ ସେଠାରେ ଗ୍ଲାଡିଏଟର୍ ଯୁଦ୍ଧ କେନ୍ଦ୍ରରେ ରଖି ନିର୍ମିତ ପ୍ରଥମ 'ଗ୍ଲାଡିଏଟର୍' (୨୦୦୦) ସିନେମା ଏକ କ୍ଲାସିକ୍ ପାଲଟିଥିବା ବେଳେ ୨୪ ବର୍ଷ ପରେ ଏହାର ପରବର୍ତ୍ତୀ ଭାଗ ନିର୍ମିତ ହେବା ଅନେକ ଉତ୍କଣ୍ଠା ଓ କଳ୍ପନାଜଳ୍ପନାକୁ ଜନ୍ମ ଦେବା ସ୍ୱାଭାବିକ। କିଂବଦନ୍ତି ପାଲଟିଥିବା ସିନେ ନିର୍ମାତା ରିଡ୍ଲି ସ୍କଟ୍ ଏଥର ପ୍ରାଚୀନ ରୋମ୍ର ପରିକଳ୍ପନାକୁ ସବୁଠାରୁ ସୁଦୃଶ୍ୟ ଢଙ୍ଗରେ ଉତାରିପାରିଛନ୍ତି ସତ, କିନ୍ତୁ ଏହା ପ୍ରଥମ ଗ୍ଲାଡିଏଟର୍ର କାହାଣୀ ଓ ଅଭିନୟକୁ ଅତିକ୍ରମ କରିବାରେ ବିଫଳ ହୋଇଛ। ଏହାର ଧାରାପ୍ରବାହ ପ୍ରଥମ ଭାଗର ପୁନରାବୃତ୍ତି ପରି ମନେ ହେଉଥିବା ସହ ମୁଖ୍ୟ ଚରିତ୍ରରେ ପଲ୍ ମେସ୍କାଲ୍ଙ୍କ ଅଭିନୟ, ରସେକ କ୍ରୋଙ୍କ ଓସ୍କାର୍ ବିଜୟୀ ପ୍ରଦର୍ଶନ ତୁଳନାରେ ଖର୍ବକା। ଦିଶିବା ଅନେକ ଐତିହାସିକ-ସିନେମା ପ୍ରେମୀଙ୍କୁ ନିରାଶ କରିଛି। ତେବେ ପ୍ରଥମ ଭାଗ ଦେଖି ନଥିବା, ଇତିହାସର ସଠିକତାକୁ ନେଇ ଚିନ୍ତିତ ନଥିବା ଦର୍ଶକ 'ଗ୍ଲାଡିଏଟର୍ ୨'ର ପ୍ରକାଣ୍ଡ ଦୃଶ୍ୟାବଳୀ, ରୋମା□କର ଲଢ଼େଇ ସିକ୍ୱେନ୍ସ ଓ ତତ୍କାଳୀନ ରାଜନୀତିର ଅବତାରଣା ଦେଖି ଅଭିଭୂତ ହେବା ସୁନିଶ୍ଚିତ। 'ଗ୍ଲାଡିଏଟର୍'ରେ 'ମାକ୍ସିମସ୍' ରୋମ୍ ସାମ୍ରାଜ୍ୟରେ ଗଣତନ୍ତ୍ର ପୁନଃପ୍ରତିଷ୍ଠା କରିବାକୁ ଉଦ୍ୟମ କରି କିଭଳି ବିଶ୍ୱାସଘାତକତାର ଶିକାର ହେଉଛନ୍ତି ଏବଂ ପ୍ରକାରାନ୍ତରେ ଗ୍ଲାଡିଏଟର୍ ଯୁଦ୍ଧ କୌଶଳ ବଳରେ ପ୍ରତିଶୋଧ ନେବାର ଉଦ୍ୟମ କରୁଛନ୍ତି ତାହା ପ୍ରଦର୍ଶିତ ହୋଇଥିବା ବେଳେ 'ଗ୍ଲାଡିଏଟର୍ ୨'ରେ ତାଙ୍କ ପୁଅ 'ଲୁସିଅସ୍' (ପଲ୍ ମେସ୍କାଲ୍) ଅନୁରୂପ ଢଙ୍ଗରେ ଗ୍ଲାଡିଏଟର୍ ଯୋଦ୍ଧା ସାଜି ନିଜ ପରିବାର ସଦସ୍ୟମାନଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଚେଷ୍ଟା କରିଛନ୍ତି। ଉଭୟ କାହାଣୀର କେନ୍ଦ୍ରରେ ରହିଛି ସେହି 'କଲୋସିଅମ୍'। ହେଲେ ଏଥର ଉନ୍ନତ ଜ୍ଞାନକୌଶଳ ଓ ବ୍ୟୟବହୁଳ ସେଟ୍ ଯୋଗୁଁ ରୋମ୍ ନଗରୀର ସବୁଠାରୁ ସୁନ୍ଦର ରୂପ ସିନେମା ପରଦାରେ ଦେଖିବାକୁ ମିଳିଛି। ତେବେ ସବୁଠାରୁ ଭଲ କଥା ହେଉଛି ଗଣତନ୍ତ୍ର ନିଜର ଆଦ୍ୟ ସ୍ୱରୂପ ଲାଭ କରିଥିବା ଭୂଇଁରେ ସାଧାରଣ ଲୋକଙ୍କ ଦୁରବସ୍ଥା ଓ ପରାଧୀନ ସ୍ଥିତି ପରି ଅପ୍ରୀତିକର ବାସ୍ତବତାକୁ ନିର୍ମାତା କଲୋସିଅମ୍ର ବିଶାଳତା ପଛରେ ଲୁଚାଇ ଦିଆଯାଇନାହିଁ। ଶାସକଙ୍କ ମନୋମୁଖୀ ନୀତି ନେଇ ସାଧାରଣ ଜନତାଙ୍କ ଆକ୍ରୋଶ ସମ୍ରାଟଙ୍କୁ ଭୟଭୀତ କରି ରଖିଥିବାର ଏକାଧିକ ଦୃଶ୍ୟ ଏଥିରେ ରହିଛି। ଏହି ସିନେମାଟି 'ଐତିହାସିକ' ହୋଇଥିଲେ ହେଁ ବାସ୍ତବତା ସହିତ ଏଥିରେ ଅନେକ ଅସାମଞ୍ଜସ୍ୟ ରହିଛି। କାହାଣୀ ଲେଖକ ଓ ନିର୍ଦ୍ଦେଶକ ନିଜ କଳାତ୍ମକ ସ୍ୱାଧୀନତାର ପର୍ଯ୍ୟାପ୍ତ ଉପଯୋଗ କରିଛନ୍ତି ବୋଲି ଏଥିରୁ ଜଣାପଡ଼େୟ ତଥାପି କୌଣସି ଇଟାଲୀ। ସଂଗଠନ ବା ବ୍ୟକ୍ତି ଏହା କହି ପ୍ରତିବାଦ କରିବା ଦେଖାଯାଇନାହିଁ ଯେ ତାଙ୍କ ଦେଶର ଇତିହାସ ଓ ସଂସ୍କୃତି ସହିତ ସିନେମାଟି ଅନ୍ୟାୟ କରିଛି।

# ବୈକୁଣ୍ଠ ଧାମର ରହସ୍ୟ

ବୈକୁଣ୍ଠ ଶବ୍ଦର ଅର୍ଥ ହେଉଛି ଯେଉଁଠାରେ କୁଣ୍ଠା ନ ଥାଏ । ଅର୍ଥାତ୍ ନିଷ୍କ୍ରିୟତା, ଅକର୍ମଣ୍ୟତା, ନିରାଶା, ହତାଶା, ଆଳସ୍ୟ ଏବଂ ଦରିଦ୍ରତା । ଏହାର ଅର୍ଥ ହେଉଛି ବୈକୁଣ୍ଠ ଧାମ ଏମିତି ଏକ ସ୍ଥାନ ଯେଉଁଠାରେ କର୍ମହୀନତା ନ ଥାଏ, ନିଷ୍କ୍ରିୟତା ନଥାଏ । କୁହାଯାଏ ଯେ, ମୃତ୍ୟୁ ପରେ ପୁଣ୍ୟ କର୍ମ କରିଥିବା ବ୍ୟକ୍ତି ସ୍ୱର୍ଗ କିମ୍ବା ବୈକୁଣ୍ଠ ଗମନ କରିଥାନ୍ତି । ହିନ୍ଦୁ ଧର୍ମ ଅନୁସାରେ କୈଳାଶ ପର୍ବତରେ ମହାଦେବ ବ୍ରହ୍ମଲୋକରେ ବ୍ରହ୍ମଦେବ ବସବାସ କରନ୍ତୁ । ସେହିପରି ଭଗବାନ ବିଷ୍ଣୁ ବୈକୁଣ୍ଠରେ ନିବାସ କରନ୍ତି । ବୈକୁଣ୍ଠ ଲୋକର ସ୍ଥିତି ତିନି ସ୍ଥାନରେ ରହିଛି । ଧରିତ୍ରୀ ଉପରେ, ସମୁଦ୍ରରେ ଏବଂ ସ୍ୱର୍ଗରେ । ବୈକୁଣ୍ଠକୁ ବିଷ୍ଣୁଲୋକ ଏବଂ ବୈକୁଣ୍ଠ ସାଗର ମଧ୍ୟ କୁହାଯାଏ । ଧରିତ୍ରୀ ଉପରେ ବଦ୍ରିନାଥ, ଜଗନ୍ନାଥ ଏବଂ ଦ୍ୱାରିକାପୁରୀକୁ ବୈକୁଣ୍ଠ ଧାମ କୁହାଯାଏ । ଚାରି ଧାମରେ ବଦ୍ରିନାଥ ଧାମକୁ ହିନ୍ଦୁମାନେ ସର୍ବଶ୍ରେଷ୍ଠ ଧାମ ରୂପେ ବିବେଚନା କରିଥାନ୍ତି । ବଦ୍ରିନାଥ ବ୍ୟକ୍ତି ଦ୍ୱାରିକାନାଥ ଏବଂ ଜଗନ୍ନାଥ ପୁରୀକୁ ମଧ୍ୟ ବୈକୁଣ୍ଠ ଧାମ କୁହଯାଏ । କୁହାଯାଏ ଯେ, ସତ୍ୟଯୁଗରେ ନାରାୟଣ ବଦ୍ରିନାଥ ଧାମର ସ୍ଥାପନା କରିଥିଲେ । ତ୍ରେତୟାଯୁଗରେ ରାମେଶ୍ୱରମ୍ଙ୍କ ସ୍ଥାପନ ଭଗବାନ ଶ୍ରୀରାମଙ୍କ ଦ୍ୱାରା ହୋଇଥିଲା ଏବଂ ଦ୍ୱାପରେ ଦ୍ୱାରିକାଧାମର ସ୍ଥାପନା ପ୍ରଭୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଏବଂ କଳିଯୁଗରେ ଜଗନ୍ନାଥ ଧାମକୁ ବୈକୁଣ୍ଠ କୁହାଯାଏ । ତେବେ ପୁରୀର ଜଗନ୍ନାଥ ମନ୍ଦିର ସବୁଠାରୁ ପ୍ରସିଦ୍ଧ ଅଟେ । ସେହିପରି ଦ୍ୱିତୀୟ ବୈକୁଣ୍ଠରେ ଶ୍ରୀବିଷ୍ଣୁ ନିଜର ୪ ପାଟରାଣୀ ଶ୍ରୀଦେବୀ, ଭୁଦେବୀ, ନୀଳା ଏବଂ ମହାଲକ୍ଷ୍ମୀଙ୍କ ସହିତ ନିବାସ କରନ୍ତି । ଏହି ବୈକୁଣ୍ଠ ସଂପର୍କରେ କୁହଯାଏ ଯେ, ମୃତ୍ୟୁ ପରେ ବିଷ୍ଣୁଭକ୍ତମାନେ ଏହିଠାରେ ଅବସ୍ଥାନ କରନ୍ତି । ଭଗବାନ ଶ୍ରୀକୃଷ୍ଣ ଦ୍ୱାରିକା ବ୍ୟତିତ ଆଉ ଏକ ନଗର ନିର୍ମାଣ କରିଥିଲେ ଯାହାକୁ ବୈକୁଣ୍ଠ କୁହାଯାଏ । ମାନ୍ୟତା ଅଛି ଯେ, ଅରାବଳୀ ପାହାଡ଼ ଅଞ୍ଚଳରେ ବୈକୁଣ୍ଠ ଧାମ ରହିଛି । ଯେଉଁଠାରେ ସାଧାରଣ ମନୁଷ୍ୟ ନୁହନ୍ତି, କେବଳ ସାଧୁସନ୍ଥମାନେ ରହିଥାନ୍ତି । କୁହାଯାଏ ଯେ, ପରମଧାମକୁ ଯିବା ପରେ ଜୀବାତ୍ମା ସବୁଦିନ ପାଇଁ ଜୀବନ ଏବଂ ମରଣ ଚକ୍ରରୁ ମୁକ୍ତି ପାଇଥାଏ । ଏହି ଧାମ ସବୁଠାରୁ ଉପରେ ଅର୍ଥାତ୍ ସର୍ବୋଚ୍ଚ ଅଟେ । ଏଠାରେ ନା ସୁଖ ଅଛି ନା ଦୁଃଖ । ମାନ୍ୟତା ରହିଛି ଯେ, ବୈକୁଣ୍ଠ ଧାମ ପ୍ରାପ୍ତ କରୁଥିବା ଜୀବାତ୍ମା କିଛିକାଳ ପାଇଁ ଆନନ୍ଦ ଓ ସୁଖ ପ୍ରାପ୍ତି କରିଥାଏ । କିନ୍ତୁ ସୁଖ ଭୋଗ କରି ସାରିବା ପରେ ପୁଣି ମୃତ୍ୟୁଲୋକକୁ ଆସିଥାଏ ।

# ଘରେ ଲଗାନ୍ତୁ ଏହି ଗଛ, ହେବେନାହିଁ ମଶା

ବର୍ଷା ଋତୁରେ ଘଲେ ମଶାଙ୍କ ରାଜ୍ ଫ ଅଧିକାଂଶ ରୋଗର କାରଣ ହୋଇଥାନ୍ତି ମଶା ଫ ଏମାନଙ୍କୁ ରୋକିବାକୁ ଅନେକ ପ୍ରକ୍ରିୟା ଆପଣାଇଲେ ମଧ ଏଥିରୁ ବର୍ତ୍ତି ଯାଇଥାନ୍ତି ମଶା । ମଶାଙ୍କୁ ଏଡାଇବା ପାଇଁ ପରିଷ୍କାର ପରିଛନ୍ନତା ଆପଣାଇବା ଜରୁରୀ ଅଟେ । ଏହାବ୍ୟତୀତ ଘରେ କିଛି ଔଷଧୀୟ ଗଛ ଲଗେଇବା ଆବଶ୍ୟକ । ଆସନ୍ତୁ ଏମିତି କିଛି ଗଛ ଉପରେ ନଜର ପକେଇବାତୁଳସୀ ଗଛ । ଏହା ହେଉଛି ଏକ ହର୍ବାଲ ଉଦ୍ଭିଦ । ଯାହା କେବଳ ଥଣ୍ଡା ଏବଂ କାଶ ପାଇଁ ନୁହେଁ, ବରଂ ମଶାମାନଙ୍କୁ ଘରୁ ତଡ଼ିବାରେ ବେଶ୍ ସହାୟକ ହୋଇଥାଏ । ତୁଳସୀର ସୁଗନ୍ଧ ମଶା ଲାର୍ଭା



ବୃଦ୍ଧିକୁ ରୋକିଥାଏ, ଯେଉଁ କାରଣରୁ ମଶାମାନେ ଅଣ୍ଡା ଦେବାରେ ସକ୍ଷମ ହୁଅନ୍ତି ନାହିଁ ।ଆଉ ଏପରି ହେବା ଦ୍ୱାରା ସେମାନଙ୍କ ସଂଖ୍ୟା ବୃଦ୍ଧି ହୁଏ ନାହ।ଗେଣ୍ଡୁ ଫୁଲ ମଶା ଏବଂ ଅନ୍ୟ କୀଟପତଙ୍ଗକୁ ମଧ ଘରଠାରୁ ଦୂରେଇ ରଖିଥାଏ। ପାଇରେଥ୍ରମ୍ ପରି କୀଟନାଶକ ଗେଣ୍ଡୁ ଫୁଲରେ ରହିଥାନ୍ତି । ଯାହା କୀଟପତଙ୍ଗଙ୍କ ବଂଶ ବୃଦ୍ଧି କରିବାକୁ ଦେଇ ନଥାଏ । ଏହି ଫୁଲରୁ ଆସୁଥିବା ଗନ୍ଧ ମଶାମାନଙ୍କୁ ଦୂରେଇ ଥାଏୟରସୁଣ-ଅଦା ଗଛ ଲଗାଇଲେ ମଧ ଆପଣ ମଶା ଓ ଅନ୍ୟ କୀଟପତଙ୍ଗଠାରୁ ଦୂରେ ରହିପାରିବେ।ଏହି ଉଦ୍ଭିଦର ଡାଳରୁ ଆସୁଥିବା ଦୁର୍ଗନ୍ଧ ମଶା ଏବଂ କୀଟପତଙ୍ଗକୁ ଆସିବାକୁ ଦିଏ ନାହିଁ।ମଶା ଏବଂ ଅନ୍ୟାନ୍ୟ କୀଟମାନଙ୍କୁ ପାଖ ମଡେଇବାକୁ ଦିଏ ନାହିଁ ପୋଦିନା ଗଛ। ଉଦ୍ଭିଦର ସୁଗନ୍ଧ ମଶାମାନଙ୍କୁ ଘଉଡାଇବା ପାଇଁ ବେଶ୍ ଭଲ କାମ କରେୟଲେମନ୍ଗ୍ରାସ୍ ସହଜରେ ବଢୁଥିବା ଏକ ଉଦ୍ଭିଦ, ଯାହା ଉଦ୍ୟାନର ସୌନ୍ଦର୍ଯ୍ୟ ବଢାଇବା ବ୍ୟତୀତ ମଶା ଏବଂ କୀଟପତଙ୍ଗଙ୍କୁ ମଧ୍ୟ ଦୂରେଇ ରଖିଥାଏ।



# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବ ଲେମ୍ବୁ ଜୁସ୍



ଲେମ୍ବୁରେ ବହୁ ଔଷଧୀୟ ଗୁଣ ରହିଛି। ମଣିଷ ଶରୀରରେ ଜଳୀୟ ଅଂଶ ବୃଦ୍ଧିରେ ଲେମ୍ବୁ ପାଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଆମେ କେଉଁ କାଳରୁ ଏହି ଉପାୟକୁ ପ୍ରୟୋଗ କରି ଆସୁଛୁ। ଘରେ ଘରେ ପରିଚିତ ଏହି ଲେମ୍ବୁ ପାଣି ଏବେ କରୋନା ବିରୋଧୀ ଲଢେଇରେ ଗେମ ଚେଞ୍ଜର ସାବ୍ୟସ୍ତ ହେଉଛି। ବିଶେଷଜ୍ଞଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ମହାମାରୀ କରୋନାକୁ ମାତ୍ ଦେବାରେ ସକ୍ଷମ ହୋଇଥାଏ। ସମଗ୍ର ବିଶ୍ୱ କରୋନା ମାୟା ଜାଲରେ ଛନ୍ଦି ହୋଇ ପଡ଼ିଥିବା ବେଳେ ଲେମ୍ବୁ ପାଣିର ଉପକାରୀତା ସମ୍ପର୍କରେ ନୋଏଡା ସ୍ଥିତ ଫୋରଟ୍ସ୍ ହସ୍ପିଟାଲର ମୁଖ୍ୟ ଡାକ୍ତର ନମୀତା ନାଦାର ଏହି ସୂଚନା ଦେଇଛନ୍ତି। ତାଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ଯେକୌଣସି ବିଦେଶୀ ଭୂତାଣୁ ବିରୋଧରେ ଲଢ଼େଇ କରିବାକୁ ସକ୍ଷମ।

**କେମିତି ପ୍ରସ୍ତୁତ କରିବେ ଲେମ୍ବୁ ସର୍ବତ:**

ପ୍ରଥମେ ଗୋଟିଏ ଗ୍ଲାସ ଉଷୁମ ପାଣିରେ ଏକରୁ ଦୁଇ ଋମଚ ଲେମ୍ବୁ ରସ ମିଶାଇବେ। ପରେ ସେଥିରେ ଗୋଟିଏ ଋମଚର ଏକ ଚତୁର୍ଥାଂଶ ସମୁଦ୍ର ଲୁଣ ମିଶାଇବେ। ଦିନକୁ ଦୁଇ ଥର ଏହି ପାଣି ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇବ। ଲେମ୍ବୁ ପାଣି ଶରୀରକୁ ଭିଟାମିନ୍ ସି ଯୋଗାଇଥାଏ। ଡାକ୍ତର ନମୀତା ନାଦାରଙ୍କ କହିବା ଅନୁସାରେ ଲେମ୍ବୁ ପାଣି ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିଥାଏ। ଏହା ଥଣ୍ଡା ଓ ବିଭିନ୍ନ ଭାଇରାଲ୍ ଜ୍ୱର ବିରୋଧରେ ଲଢ଼େଇ କରିଥାଏ। ମ୍ବେରେ ଭିଟାମିନ୍-ସି ଓ ଆଣ୍ଟିଅକ୍ସିଡେଣ୍ଟ ରହିଛି, ଯାହା ଶରୀର ପାଇଁ ବହୁ ଉପକାରୀ। ଯଦି ନିୟମିତ ଭାବରେ ଲେମ୍ବୁ ଖାଉଥିବା ଓ ଲେମ୍ବୁ ପାଣି ପିଉଥିବେ, ତା'ହେଲେ ଜଣେ ବ୍ୟକ୍ତିର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ହୃଦରୋଗ ସମସ୍ୟାକୁ ବି ହ୍ରାସ କରିଥାଏ। କିଡନୀ ଷ୍ଟୋନ୍ ବିରୋଧୀ ଲଢ଼େଇରେ ଲେମ୍ବୁ ପାଣି ସଞ୍ଜିବନୀ ସାବ୍ୟସ୍ତ ହୋଇଥାଏ। ଆପଣ ଏହି ଲେମ୍ବୁ ପାଣିକୁ ସକାଳେ ପିଇ ପାରିବେ। ସେହିପରି ଏହାକୁ ଗ୍ରୀନ ଟି' ଆକାରରେ ଦିନରେ ଯେତେବେଳେ ଇଚ୍ଛା ସେତେବେଳେ ମଧ ପିଇ ପାରିବେ ବୋଲି ଡାକ୍ତର କହିଛନ୍ତି।



# ଦଶ ଦିଗପାଳ

ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ମୋଟ୍ ଦଶଟି ଦିଗ ରହିଛି । ସେଗୁଡ଼ିକ ହେଲେ- ଊର୍ଦ୍ଧ୍ୱ, ଈଶାନ, ପୂର୍ବ, ଆଗ୍ନେୟ, ଦକ୍ଷିଣ, ନୈଋତ୍ୱ, ପଶ୍ଚିମ, ବାୟବ୍ୟ, ଉତ୍ତର ଏବଂ ଅଧୋ । ଆଉ ଏକ 'ମଧ' ଦିଗ ସମ୍ବନ୍ଧରେ ମଧ କେତେକ ପୁରାଣରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ର କୁହେ, ପ୍ରତ୍ୟେକ ଦିଗରେ ଜଣେ ଲେଖାଏଁ ଦେବତାଙ୍କୁ ନିଯୁକ୍ତ କରାଯାଇଛି । ଏହି ଦେବତାଙ୍କୁ 'ଦିଗପାଳ' କୁହାଯାଏ । ଯାହାର ଅର୍ଥ ଦିଗପାଳ । ଏମାନେ ଦିଗର ରକ୍ଷା କରିଥାନ୍ତି ।

ଦଶ ଦିଗରେ ଦଶ ଦିଗପାଳ ହେଲେ- ଊର୍ଦ୍ଧ୍ୱ ଦିଗରେ ବ୍ରହ୍ମା, ଈଶାନ୍ ଦିଗରେ ଶିବ ବା ଈଶ, ପୂର୍ବ ଦିଗରେ ଇନ୍ଦ୍ର, ଆଗ୍ନେୟ ଦିଗରେ ଅଗ୍ନି କିମ୍ବା ବ୍ରାହ୍ନି, ଦକ୍ଷିଣ ଦିଗରେ ଯମ, ନୈଋତ୍ୱ ଦିଗରେ ନଋତି, ପଶ୍ଚିମ ଦିଗରେ ବରୁଣ, ବାୟବ୍ୟ ଦିଗରେ ବାୟୁ ବା ମାରୁତ, ଉତ୍ତର ଦିଗରେ କୁବେର ଏବଂ ଅଧୋ ବା ନିମ୍ନ ଦିଗରେ ଅନନ୍ତ ଦିଗପାଳ ରୂପରେ ବିରାଜମାନ କରିଛନ୍ତି ।

ବରାହ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦିଗପାଳଙ୍କ ଉତ୍ପତ୍ତି କଥା ଏହି ପ୍ରକାରେ- ଥରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ରଚନା ନିମନ୍ତେ ଚିନ୍ତାମଗ୍ନ ଥିଲେ । ଏହି ସମୟରେ ତାଙ୍କ କାନରୁ ୧୦ କନ୍ୟା ଉତ୍ପନ୍ନ ହେଲେ । ଏମାନଙ୍କ ମଧ୍ୟରୁ ମୁଖ୍ୟ ୬ଜଣ ଏବଂ ୪ ଜଣ ଗୌଣ ଥିଲେ । ଏହି ଦଶ କନ୍ୟା ହେଲେ ପୂର୍ବା (ଯେକି' ପୂର୍ବ ଦିଗ ନାମରେ ପରିଚିତ ହେଲେ), ଆଗ୍ନେୟୀ(ଯେକି' ଆଗ୍ନେୟ ଦିଗ ରୂପେ ପରିଚିତ ହେଲେ), ଦକ୍ଷିଣା (ଯେକି' ଦକ୍ଷିଣ ଦିଗ ବୋଲାଇଲେ), ନୈଋତୀ (ଯେକି' ନୈଋତ ଦିଗ ବୋଲାଇଲେ), ପଶ୍ଚିମା (ପଶ୍ଚିମ ଦିଗ ନାମରେ ପରିଚିତ ହେଲେ), ବାୟବୀ (ବାୟବ୍ୟ ଦିଗ ହେଲେ), ଉତ୍ତର (ଉତ୍ତର ଦିଗ ହେଲେ), ଐଶାନୀ (ଈଶାନ ଦିଗ ନାମରେ ପରିଚିତ ହେଲେ), ଊର୍ଦ୍ଧ୍ୱା (ଊର୍ଦ୍ଧ ଦିଗ ନାମରେ ପରିଚିତ ହେଲେ), ଅନ୍ଧସ୍(ଅଧୋ ବା ନିମ୍ନ ଦିଗ ନାମରେ ପରିଚିତ ହେଲେ) ।

ଏହି କନ୍ୟାମାନେ ବ୍ରହ୍ମାଙ୍କୁ ପ୍ରଣାମ କରି ତାଙ୍କୁ ରହିବା ଲାଗି ଉପଯୁକ୍ତ ସ୍ଥାନ ଏବଂ ଉପଯୁକ୍ତ ପତି ଦେବା ଲାଗି ଅନୁରୋଧ କଲେ । ଏହାଶୁଣି ବ୍ରହ୍ମା କହିଲେ, ତୁମେମାନେ ଯେଉଁ ଦିଗକୁ ଯିବାକୁ ଚାହୁଁଛ ଯାଅ । ମୁଁ ତୁମକୁ ସେହି ଅନୁରୂପ ପତି ଦେବି । ଏହାପରେ ସେହି କନ୍ୟାମାନେ ଭିନ୍ନ ଭିନ୍ନ ଦିଗକୁ ଗତି କଲେ । ସେହି ଅନୁଯାୟୀ, ବ୍ରହ୍ମା ୮ ଦିଗପାଳମାନଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ଗୋଟିଏ ଗୋଟିଏ କନ୍ୟା ପ୍ରଦାନ କଲେ । ଏହାପରେ ଦିଗପାଳମାନେ ନିଜ ନିଜ ଦିଗକୁ ଚାଲିଗଲେ ।

ଲୋକପାଳ ଏବଂ ଦିଗପାଳ
ପୂର୍ବରେ ଇନ୍ଦ୍ର
ଦକ୍ଷିଣ-ପୂର୍ବ(ଆଗ୍ନେୟ)ରେ ଅଗ୍ନି
ଦକ୍ଷିଣରେ ଯମ
ଦକ୍ଷିଣ ପଶ୍ଚିମ(ନୈଋତ୍ୱ)ରେ ସୂର୍ଯ୍ୟ
ପଶ୍ଚିମରେ ବରୁଣ
ପଶ୍ଚିମୋତ୍ତର (ବାୟବ୍ୟ)ରେ ବାୟୁ
ଉତ୍ତରରେ କୁବେର
ଉତ୍ତର-ପୂର୍ବ(ଈଶାନ୍)ରେ ସୋମ ବା ଈଶ ରହିଲେ ।
ଊର୍ଦ୍ଧ୍ୱ ଦିଗରେ ସ୍ୱୟଂ ବ୍ରହ୍ମା ରହିଲେ ଏବଂ ଅଧୋ ଦିଗ ଶେଷନାଗଙ୍କୁ ପ୍ରଦାନ କଲେ ।

ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରରେ ଦିଗପାଳଙ୍କ ବିଶେଷ ମହତ୍ୱ ରହିଛି । ଦିଗ ଅନୁଯାୟୀ, ଦିଗପାଳଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମନୁଷ୍ୟର କଲ୍ୟାଣ ହୋଇଥାଏ । ଦିଗପାଳଙ୍କୁ ସାକ୍ଷୀ ରଖି କେତେକ ଧାର୍ମିକ ପରମ୍ପରା ସମ୍ପନ୍ନ କରାଯାଉଥିବା ମଧ ଦେଖିବାକୁ ମିଳିଥାଏ ।

## ଏମ୍‌ଏସ୍‌ଏମ୍‌ଇ ଓ ଷ୍ଟାର୍ଟଅପ୍ ବାଣିଜ୍ୟ ମେଳା

**ଭୁବନେଶ୍ୱର,୧୫।୧୧ (ମହାଭାରତ):** ଚାକିରିକୁ ଅପେକ୍ଷା ନକରି ନିଜେ ସ୍ୱାବଲମ୍ବୀ ହେବା ପାଇଁ ଷ୍ଟାର୍ଟଅପ୍ ପ୍ରତି ଯୁବଗୋଷ୍ଠୀ ସଚେତନ ହେଲେ ଦେଶର ବିକାଶ ହେବ। ବିଶେଷ କରି ଗ୍ରାମାଞ୍ଚଳ ଯୁବଗୋଷ୍ଠୀ ଏଥିପ୍ରତି ଦୃଷ୍ଟି ଦେଇ ଆଗକୁ ଆସିବା ଦରକାର ବୋଲି କିଟ୍‌ରେ ୩ ଦିନିଆ ଏମ୍‌ଏସ୍‌ଏମ୍‌ଇ ଓ ଷ୍ଟାର୍ଟଅପ୍ ବାଣିଜ୍ୟ ମେଳା ୨୦୨୪କୁ ଉଦ୍‌ଘାଟନ କରି ଓଡ଼ିଶା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ରାଜ୍ୟମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ପ୍ରକାଶ କରିଛନ୍ତି। ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଉଦ୍ୟୋଗୀ ତଥା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମଲ୍ଲିକ କହିଲେ, ଉଦ୍ୟୋଗକୁ ଆଗକୁ ଆଗେଇ ନେବା ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ସହ ପାରମ୍ପରିକ ବ୍ୟବସ୍ଥା ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ଉଦ୍ୟୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଷ୍ଟାର୍ଟଅପ୍‌ରେ ସଫଳତା ପାଇବାକୁ ହେଲେ ପ୍ରତ୍ୟେକ ଉଦ୍ୟୋଗୀ ଧୈର୍ଯ୍ୟର କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିଥିଲେ।

ଅନ୍ୟତମ ଅତିଥି କଟକସ୍ଥିତ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ସଂସ୍ଥାନର ଯୁଗ୍ମ ନିର୍ଦ୍ଦେଶକ ପି କେ ଗୁପ୍ତା କହିଲେ, ଏଭଳି ଷ୍ଟାର୍ଟଅପ୍ ମେଳା ସ୍ୱତନ୍ତ୍ର ଓ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ। ଏହା ସହ ଷ୍ଟାର୍ଟଅପ୍ ଜରିଆରେ ଉଦ୍ୟୋଗୀମାନେ ବିଭିନ୍ନ ନୂଆ ଚିନ୍ତାଧାରା ଉପରେ ସୂଚନା ପାଇପାରିବେ। କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅଧିକାରୀ ଡ. କ୍ରିଷ୍ଣକାନ୍ତ ପୁଲିଚେର୍ଲା ସ୍ଥାନୀୟ ପ୍ରତିଭା ପ୍ରତିପୋଷଣ ଉପରେ ଗୁରୁତ୍ୱ ଦେଇ କହିଲେ, କେବଳ ଉତ୍ପାଦକୁ ପ୍ରୋତ୍ସାହନ ଦେବା ଆମର ଲକ୍ଷ୍ୟ ନୁହେଁ ବରଂ କିଟ୍ ଟିବିଆଇ ଜରିଆରେ ଓଡ଼ିଶାରେ ଏକ ସଫଳ ଇକୋସିଷ୍ଟମ୍ ତିଆରି କରିବା ଆମର ଲକ୍ଷ୍ୟ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କିଟ୍ ଗବେଷଣା ଓ ବିକାଶ ବିଭାଗ ମହାନିର୍ଦ୍ଦେଶକ ତଥା କିଟ୍ ଟିବିଆଇ ସିଟି କ୍ଲଷ୍ଟରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୃତ୍ୟୁଞ୍ଜୟ ସୁଆର କହିଲେ, ୩ଦିନ ଧରି ଚାଲିବାକୁ ଥିବା ଏହି ଷ୍ଟାର୍ଟଅପ୍ ମେଳାରେ ସମଗ୍ର ଭାରତରୁ ୬୫ଟି ଷ୍ଟାପ୍‌ଅପ୍ ଉଦ୍ୟୋଗୀ ଅଂଶଗ୍ରହଣ କରିଛନ୍ତି।

# ବିର୍ସା ମୁଣ୍ଡାଙ୍କ ଅବଦାନ ପ୍ରେରଣାର ଉତ୍ସ

**ଭୁବନେଶ୍ୱର,୧୫।୧୧ (ମହାଭାରତ):** ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ଏବଂ ଝାଡ଼ଖଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ରାଜଭବନରେ ଏକ ଉତ୍ସବ ମୁଖରିତ ପରିବେଶରେ ପାଳିତ ହୋଇଯାଇଛି। ଆଜି ନ୍ୟୁଅଭିଷେକ ହଲ୍‌ଠାରେ ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ରାଜ୍ୟପାଳ ରଘୁବର ଦାସ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ମହାନ ସ୍ୱାଧୀନତା ସଂଗ୍ରାମୀ, ଆଧ୍ୟାତ୍ମିକ ନେତା, ସମାଜ ସଂସ୍କାରକ ବିର୍ସା ମୁଣ୍ଡାଙ୍କର ସ୍ୱାଧୀନତା ସଂଗ୍ରାମରେ ଅଦମ୍ୟ ସାହସ ପ୍ରଦର୍ଶନ ଏବଂ ଜନଜାତି ସଂମ୍ପ୍ରଦାୟର ଅଧିକାର ସୁରକ୍ଷା ଦିଗରେ ଅବଦାନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।



ଝାଡ଼ଖଣ୍ଡ ରାଜ୍ୟ ପ୍ରତିଷ୍ଠା ଦିବସ ସଂପର୍କରେ ସ୍ମୃତିଚାରଣ କରି ରାଜ୍ୟପାଳ କହିଥିଲେ ଯେ ଭଗବାନ ବିର୍ସା ମୁଣ୍ଡାଙ୍କର ଜନ୍ମଦିନରେ ୨୦୦୦ମସିହା ନଭେମ୍ବର ୧୫ତାରିଖ ଦିନ ଝାଡ଼ଖଣ୍ଡ ରାଜ୍ୟ ପ୍ରତିଷ୍ଠା ହୋଇଥିଲା ଏବଂ ଝାଡ଼ଖଣ୍ଡର ବିକାଶ ଯାତ୍ରା ବାସ୍ତବିକ୍ ଉତ୍ସାହ ଜନକ । ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ରାଜ୍ୟ ମଧ୍ୟରେ ଥିବା ସାମାଜିକ ଓ ସାଂସ୍କୃତିକ ସଂପର୍କ ମଧୁର ଓ ନିବିଡ଼ ବୋଲି ସେ ବର୍ଣ୍ଣନା କରିଥିଲେ।

ଆଜିର ଦିବସରେ ଓଡ଼ିଶାକୁ ନିଜ ଘର କରିସାରିଥିବା ଝାଡ଼ଖଣ୍ଡର ପୁଅଝିଅମାନଙ୍କ ସହିତ ଝାଡ଼ଖଣ୍ଡର ପ୍ରତିଷ୍ଠା ଦିବସ ପାଳନ କରିବା ତାଙ୍କ ପାଇଁ ଗୌରବର ଦିବସ ବୋଲି ରାଜ୍ୟପାଳ କହିଥିଲେ। ଏଠାରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ତଥା ସେବାରତ ପଦାଧିକାରୀଙ୍କର ପ୍ରତିବଦ୍ଧତା ଏବଂ ସଫଳତା ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡକୁ ସମୃଦ୍ଧ କରୁଛି। ବନ୍ଧୁତା ଓ ଭାଇଚାରା ମାଧ୍ୟମରେ ପାରସ୍ପରିକ ସମ୍ମାନ ଓ ଭାଇଚାରାକୁ ମଜବୁତ୍ କରୁଛି। ବିକଶିତ ଝାଡ଼ଖଣ୍ଡ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଶିକ୍ଷା ଜରୁରୀ ଏବଂ ଶିକ୍ଷା ଦ୍ୱାରା ଲକ୍ଷ୍ୟରେ ଆମେ ପହଂଚିପାରିବା । ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ଭାରତର ଅର୍ଥନୈତିକ ଏବଂ ସାଂସ୍କୃତିକ ଦୃଶ୍ୟପଟ୍ଟରେ ବିଶେଷ ଅବଦାନ ରଖିଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାରଙ୍କ ଝାଡ଼ଖଣ୍ଡ ସ୍ଥାପନା ଦିବସର ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥି ଏହି ସମାରୋହରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଝାଡ଼ଖଣ୍ଡ ନିବାସୀ ସେମାନଙ୍କର ଓଡ଼ିଶାରେ ଅବସ୍ଥାନ ସମୟର ଅଭିଜ୍ଞତା ଓ ଉପଲବ୍ଧି ତଥା ନିଜ ରାଜ୍ୟ ସଂପର୍କରେ ଅଭିବ୍ୟକ୍ତି ରଖିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଭଗବାନ ବିର୍ସା ମୁଣ୍ଡାଙ୍କର ଜୀବନୀ ସଂପର୍କିତ ଏକ ପ୍ରାମାଣିକ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାରେ ଅଧ୍ୟୟନ କରୁଥିବା ଝାଡ଼ଖଣ୍ଡ ରାଜ୍ୟର ଛାତ୍ରଛାତ୍ରୀ ତଥା ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଆମ୍ବେଦକରଙ୍କ ଓଡିଶା ଆଗମନ ଓ ମହାନଦୀ ସମ୍ମିଳନୀର ୭୯ତମ ରାଜ୍ୟସ୍ତରୀୟ ବାର୍ଷିକୋତ୍ସବ

**ଭୁବନେଶ୍ୱର,୧୫।୧୧ (ମହାଭାରତ):** ଗାନ୍ଧୀ-ଆମ୍ବେଦକର ଫାଉଣ୍ଡେସନ ଆବାହକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଦ୍ୱାରା ଆୟୋଜିତ ବାବାସାହେବ ଡ଼. ବି. ଆର. ଆମ୍ବେଦକରଙ୍କ ୧୯୪୫ ମସିହା ନଭେମ୍ବର ୮ ତାରିଖ ଦିନ ଓଡିଶା ଆଗମନର ୭୯ତମ ରାଜ୍ୟସ୍ତରୀୟ ବାର୍ଷିକ ସ୍ମାରକୀ ଉତ୍ସବ ଭୁବନେଶ୍ୱରସ୍ଥ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଅବସରରେ ଇଂ ଅଲେଖ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ଭଜମନ ବେହେରା, ମୁଖ୍ୟବକ୍ତା ଭାବେ ଓଡିଶା ଉଚ୍ଚଶିକ୍ଷା ବିଭାଗ ପୂର୍ବତନ ଭୁବନେଶ୍ୱର ଆଂଚଳିକ ନିର୍ଦ୍ଦେଶକ ପ୍ରଫେସର କାର୍ତ୍ତିକ ପ୍ରସାଦ ଜେନା, ସମ୍ମାନିତ ଅତିଥି ଭାବରେ ଲୋହିଆ ଏକାଡେମି ସଂପାଦକ ଦେବ ପ୍ରସାଦ ରାୟ, ଓଡିଶା ଜାତି-ଜନଜାତି-କର୍ମଚାରୀ କଲ୍ୟାଣ ସଂଘ ସଭାପତି ଧନଞ୍ଜ ହେମ୍ବ୍ରମ, ମୂଳନିବାସୀ ୟୁନାଇଟେଡ଼ ଫୋରମର ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀ, ସମ୍ମାନିତ ବକ୍ତା ଭାବେ ଓଡ଼ିଶା ଦଳିତ ଅଧିକାର ରାଜ୍ୟ ସଭାପତି ତଥା ବିଶିଷ୍ଟ ଗବେଷକ ଓ ସମାଜସେବୀ ମାନଓ ଜେନା, ମୂଳନିବାସୀ ୟୁନାଇଟେଡ଼ ଫୋରମର ରାଜ୍ୟ ମହିଳା ସଭାପତି ମଞ୍ଜୁ ସ୍ୱାଇଁ, ପ୍ରାକ୍ତନ ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ୍, ପୂର୍ବତନ ଉଚ୍ଚଶିକ୍ଷା ବିଭାଗର ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ମିହିର ରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇ ଓଡ଼ିଶାର ଅର୍ଥନୈତିକ ବିକାଶରେ ଆମ୍ବେଦକରଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର (ଡ଼କ୍ଟର) କାର୍ତ୍ତିକ ପ୍ରସାଦ ଜେନା କହିଥିଲେ ଯେ, ୧୯୪୫ ମସିହା ନଭେମ୍ବର ମାସ ୮ ତାରିଖ ଦିନ ତତ୍କାଳୀନ ଭାରତର ଭାଇସରାୟଙ୍କ ମନ୍ତ୍ରୀ ପରିଷଦରେ ଶ୍ରମ ସଦସ୍ୟ (ମନ୍ତ୍ରୀ) ଥିବା ଡ଼କ୍ଟର ବାବା ସାହେବ ଆମ୍ବେଦକର କଟକଠାରେ ଅନୁଷ୍ଠିତ ମହାନଦୀ ଯୋଜନା ସମ୍ମିଳନୀରେ ଭାରତ ସରକାର, ଓଡ଼ିଶା ସରକାର, ଓଡ଼ିଶାର ଦେଶୀୟ ଗଡ଼ଜାତ ରାଜ୍ୟ ଓ ମଧ୍ୟପ୍ରଦେଶ ସରକାରଙ୍କ ପ୍ରତିନିଧିମାନଙ୍କ ସହ ଯୋଗ ଦେଇ ଓଡ଼ିଶାର ବନ୍ୟା ସମସ୍ୟାର ସମାଧାନ ପାଇଁ ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ । ବାବାସାହେବ ଆମ୍ବେଦକରଙ୍କ ଦ୍ୱାରା ପ୍ରଦତ୍ତ ଅଭିଭାଷଣ କିଭଳି ଓଡ଼ିଶାର ଅର୍ଥନୈତିକ ବିକାଶକୁ ନେଇ ସୁଦୂରପ୍ରସାରୀ ଦୃଷ୍ଟି ନିକ୍ଷେପ କରିଥିଲା ତାହା ପ୍ରଫେସର ଜେନା ଆଲୋଚନା କରିଥିଲେ। ଓଡ଼ିଶାକୁ ଏକ ବିକଶିତ ଓ ଶିଳ୍ପଶ୍ରେଷ୍ଠ ରାଜ୍ୟ ରୂପେ ଗଢି ତୋଳିବା ପାଇଁ ଆମ୍ବେଦକର କେତେଗୁଡ଼ିଏ ପ୍ରସ୍ତାବ ଓ ଯୋଜନାର ରୂପରେଖ ଉପସ୍ଥାପନ କରି ଓଡ଼ିଶାର ନଦୀମାନଙ୍କ ଉପରେ ଯେଉଁ ତଥ୍ୟମାନ ପ୍ରଦାନ କରିଥିଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା । ଆମ୍ବେଦକର ପ୍ରାକୃତିକ ସଂପଦରେ ଭରପୂର ଓଡ଼ିଶାର ଚିର ସହଚର ବନ୍ୟା, ବାତ୍ୟା ଓ ଅନାବୃଷ୍ଟି ଭଳି ପ୍ରଚୁର ଆଶାବାଦୀ ଥିଲେ ଯେ ପ୍ରଥମେ ମହାନଦୀ ଉପରେ ୩ ଗୋଟି ନଦୀବନ୍ଧ ପ୍ରାକୃତିକ ଦୁର୍ବିପାକ ଏବଂ ତତ୍‌ଦ୍ୱାରା ସୃଷ୍ଟ ଦୁର୍ଭିକ୍ଷ, ଦାରିଦ୍ର୍ୟ, ବେକାରୀ, ଅନାହାର ଓ ମୃତ୍ୟୁକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଆମ୍ବେଦକରଙ୍କ ଦୃଷ୍ଟିରେ ଓଡ଼ିଶାର ପ୍ରଥମ ସମସ୍ୟା ଜଳସଂପଦର ଠିକଣା ଉପଯୋଗ ନ କରିବା, ଦ୍ୱିତୀୟ ସମସ୍ୟା ଦୁର୍ବଳ ଗମନାଗମନ ଓ ଯୋଗାଯୋଗ, ତୃତୀୟ ସମସ୍ୟା ମ୍ୟାଲେରିଆ ନିରାକରଣ ଓ ସ୍ୱାସ୍ଥ୍ୟଜନିତ ଚିକିତ୍ସା ଅବ୍ୟବସ୍ଥା ବୋଲି ପ୍ରଫେସର ଜେନା କହିଥିଲେ। ଓଡ଼ିଶାକୁ ଏକ ବିକାଶ ଓ ଶିଳ୍ପୋନ୍ନତି ରାଜ୍ୟ ରୂପେ ଗଢ଼ିବା ନିମନ୍ତେ ମହାନଦୀ ଉପରେ ୩ ଗୋଟି ନଦୀବନ୍ଧ କରିବାକୁ ପ୍ରସ୍ତାବ ଦେଇଥିଲେ । ପ୍ରଥମଟି ସମ୍ବଲପୁରର ହୀରାକୁଦ, ଦ୍ୱିତୀୟଟି ଟିକରପଡା ଓ ତୃତୀୟଟି କଟକ ନିକଟସ୍ଥ ନରାଜ । ଏହାଦ୍ୱାରା ବୋହିଯାଉଥିବା ନଦୀଜଳକୁ ଭଣ୍ଡାର କରି ସଂରକ୍ଷଣ କରାଯାଇପାରିବ ଓ ଓଡ଼ିଶା ଜନସାଧାରଣଙ୍କୁ ଏଥିରୁ ୫ଟି ଉପକାର ମିଳିପାରିବ। ସେଗୁଡ଼ିକ ହେଲା- ବନ୍ୟା ନିୟନ୍ତ୍ରଣ, ନୌ-ପରିବହନ, ଜଳସେଚନ, ମୃତ୍ତିକା ସଂରକ୍ଷଣ, ବିଦ୍ୟୁତ ଶକ୍ତି ଉତ୍ପାଦନ ଓ ତାଦ୍ୱାରା ଶିଳ୍ପର ବିକାଶ। ଆମ୍ବେଦକରଙ୍କ ପରାମର୍ଶ ଅନୁଯାଇ କେନ୍ଦ୍ର ସରକାରଙ୍କ ଜଳପଥ, ଜଳସେଚନ ଓ ନୌପରିବହନ କମିଶନ ଅଧ୍ୟକ୍ଷ ଏଏନ ଖୋସଲାଙ୍କ ଦ୍ୱାରା ମହାନଦୀର ସର୍ବେକ୍ଷଣ ଓ ଅନୁସଂଧାନ କରାଯାଇ ୧୯୪୬ ମସିହାରେ ଓଡ଼ିଶାର ବଡଲାଟ ଲିୟୁଶଙ୍କ ଦ୍ୱାରା ହୀରାକୁଦ ବନ୍ଧ ନିର୍ମାଣର ମୂଳଦୁଆ ପଡିଥିଲା। ଏଥିପାଇଁ ଓଡ଼ିଶାର ଯଶସ୍ୱୀ ନେତା ହରେକୃଷ୍ଣ ମହାତାବଙ୍କ ଅତୁଳନୀୟ ଅବଦାନ ରହିଥିଲା। ସମ୍ମାନିତ ଅତିଥି ମାନସ ଜେନା କହିଥିଲେ ଯେ କଟକ ମହାନଦୀ ସମ୍ମିଳନୀରେ ଆମ୍ବେଦକର ମଧ୍ୟ ପରାମର୍ଶ ଦେଇଥିଲେ ଓଡ଼ିଶାର ଖଣିଜ ପଦାର୍ଥ ଓ ବାଉଁଶର ଉପଯୁକ୍ତ ବିନିଯୋଗ କରି ପାରିଲେ ଅର୍ଥନୈତିକ ବିକାଶ ସଂଭବ ହୋଇପାରିବ। ଅନ୍ୟ ଅତିଥି ଦେବ ପ୍ରସାଦ ରାୟ, ଅତିଥି ଧନଞ୍ଜୟ ହେମ୍ବ୍ରମ ଓ ବିଦ୍ୟାଧର ଦେହୁରୀ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମିହିର ରଂଜନ ସେଠୀ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ସଭାପତି ଇଂ ଅଲେଖ ଚନ୍ଦ୍ର ମଲ୍ଲିକ ଉଭୟ ବାବାସାହେବ ଆମ୍ବେଦକର ଓ ଗାନ୍ଧୀଙ୍କର ଓଡିଶା ଆଗମନ ଏବଂ ଓଡିଶାର ଦାରିଦ୍ର୍ୟକୁ ଚିହ୍ନି କିପରି ବ୍ୟଥିତ ହୋଇ ଗଭୀର ଚିନ୍ତା ଓ ଚିନ୍ତନ ପ୍ରକଟ କରିଥିଲେ, ଅନାଲୋଚିତ ଐତିହାସିକମାନେ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ପ୍ରଦ୍ୟୁମ୍ନ କୁମାର ନାୟକ ଭୁବନେଶ୍ୱରରେ ପ୍ରଥମ କରି ଅନୁଷ୍ଠିତ ମହାନଦୀ ଯୋଜନା ସମ୍ମିଳନୀ ଓ ବାବାସାହେବ ଆମ୍ବେଦକରଙ୍କ ଓଡିଶା ଆଗମନର ୭୯ ତମ ବାର୍ଷିକୀ ପାଳନ ଉତ୍ସବରେ ଯୋଗଦେଇ ଏହାକୁ ସଫଳ କରିଥିବା ସମସ୍ତ ଶ୍ରୋତା ଓ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ପ୍ରତୀକ୍ଷାର ଅନ୍ତ, ଜେଏମଏଫସି ଅଦାଲତ ଲୋକାର୍ପିତ




**କଟକ,୧୫।୧୧ (ମହାଭାରତ):** ସମସ୍ୟା ବହୁଳ ନଦୀ ନାଳଘେରା ନିଶ୍ଚିନ୍ତକୋଇଲି ବ୍ଲକବାସୀଙ୍କ ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ଆଜି ଓଡିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଏସକେ ସାହୁଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଜେଏମଏଫସି ଅଦାଲତ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ ନିଶ୍ଚିନ୍ତକୋଇଲି ,ସାଲେପୁର ଓ ମାହାଙ୍ଗା ଅଂଚଳର ବହୁ ଆଇନଜୀବୀ ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ତେବେ ନିଶ୍ଚିନ୍ତକୋଇଲି ଠାରେ ଏହି ଅଦାଲତ ଲୋକାର୍ପିତ ହେବା ଦ୍ୱାରା ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି କୋର୍ଟ ପ୍ରତିଷ୍ଠା ହେବା ଦ୍ୱାରା ନିଶ୍ଚିନ୍ତକୋଇଲି ବାସୀଙ୍କୁ ଆଉ ସାଲେପୁର ଅଦାଲତକୁ ଯିବା ପାଇଁ ପଡିବ ନାହିଁ। ଲୋକେ ଆର୍ଥୀକ ଖର୍ଚ୍ଚାନ୍ତରୁ ରକ୍ଷା ପାଇବେ। ଏଠାରେ ସୂଚନା ଯୋଗ୍ୟ ଯେ ତତ୍କାଳୀନ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ଏହି ଅଦାଲତ ଖୋଲିବା ସମ୍ଭବପର ହୋଇପାରିଥିବାର ଜଣାଯାଇଛି।

## ଆରମ୍ଭ ହେଲା ଅପରେସନ ଗଞ୍ଜେଇ ଗଛ କଟା ଅଭିଯାନ



**ଫୁଲବାଣୀ,(ନିପ୍ର):** କନ୍ଧମାଳ ଜିଲାରେ ଆରମ୍ଭ ହୋଇଛି ଅପରେସନ ଗଞ୍ଜେଇ ଗଛ କଟା ଅଭିଯାନ। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ଆରମ୍ଭ ହୋଇଛି। ଜିଲାରେ କଞ୍ଜେଇ କାରବାରକୁ ନେଇ ସବୁବେଳେ ଚର୍ଚ୍ଚା ରେ ରହିଆସିଥିବା ଫିରିଙ୍ଗିଆ ଥାନା ଅଂଚଳରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ସୂଚନା ଅନୁସାରେ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧୀନରେ ଥିବା କୁଳିଆକୁଟି, ଶିମିଳି ସାହି, ଟୁଣ୍ଡୁରସାହି ଓ ଗୋପିପଦର ଗାଁ ଗୁଡିକର ନିକଟ ବର୍ତ୍ତି ପ୍ରାୟ ଏକାବନ ଏକର ଜଙ୍ଗଲ ଜମି ମାନଙ୍କରେ ବେଆଇଆନ ଭାବରେ ଚାଷ ହୋଇଥିବା ଗଞ୍ଜେଇ ଗଛ ଗୁଡିକୁ କାଟିଦେବା ସହ ଜାଳିପୋଡି ନଷ୍ଟ କରିଦିଆଯାଇଛି। ଯାହାର ଆନୁମାନିକ ମୂଲ୍ୟ ହାରାହାରି ଏକାବନ ଲକ୍ଷ୍ୟ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି। ଏହି ଗଞ୍ଜେଇ କଟାକୁ ନେଇ ୨୨୯/୨୦୨୪ରେ ଏକ ମାମଲା ମଧ୍ୟ ରୁଜୁ କରାଯଇଛି। ଏହି ଅଭିଯାନରେ ଥାନାରେ କାର୍ଯ୍ୟରତ ଏସଆଇ ପ୍ରମୋଦ କୁମାର ବେହେରାଙ୍କ ସହ ଥାନାରେ କାର୍ଯ୍ୟରତ ସମସ୍ତ ହୋମ ଗାର୍ଡ ଓ ପ୍ରାୟ କୋଡିଏ ଜଣ ଶ୍ରମିକ ନିୟୋଜିତ ହୋଇଥିବା ବେଳେ ସୁରକ୍ଷା ଦୃଷ୍ଟିକୁ ଆଖିଆଗରେ ରଖି ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଗୋପୀନାଥ ପ୍ରଧାନ।

## ରାସ୍ତା କଡ଼ରେ ଅନାବନା ଗଛ, ପୂର୍ତ୍ତ ବିଭାଗର ନିଘା ନାହିଁ



**ସୁବର୍ଣ୍ଣପୁର,(ନିପ୍ର) :** ସୋନପୁର ସହରଠାରୁ ଜନମୁରା କୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ରାସ୍ତା ଉପରକୁ ମାଡ଼ି ଆସିଛି। ଫଳରେ ପ୍ରତିଦିନ ଛୋଟ ମୋଟ ଦୁର୍ଘଟଣା ଘଟୁଛି।ଏ ସଂକ୍ରାନ୍ତରେ ବାରମ୍ବାର ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଉଛି। ତଥାପି କୌଣସି ସୁଫଳ ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉଭୟ ପଟୁ ଯାତାୟାତ କରୁଥିବା ଯାନବାହାନ ଚାଳକ ପରସ୍ପର କୁ ଦେଖିପାରୁନଥିବା ରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଜନମୁରା, ମଡେଲ ଡିଗ୍ରୀ କଲେଜ, ରେଲୱେ ଷ୍ଟେସନ, ସୁକାନ୍ତି କଲେଜ ଦେଇ ୫୭ ନମ୍ବର ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଅର୍ଜୁନପୁର କୁ ସଂଯୋଗ କରିଛି। ପ୍ରତିଦିନ ଏହି ରାସ୍ତାରେ ଲକ୍ଷ୍ମୀ ବସ୍, ସହ ସହ ଯାନବାହାନ ଚଳାଚଳ କରୁଛି। ସ୍କୁଲ, କଲେଜ ଛାତ୍ରଛାତ୍ରୀ ବିପଦ ସଂକୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ତେଣୁ ଶୀଘ୍ର ଏହି ରାସ୍ତାରେ ଅନାବନା ଗଛ କାଟିବା କୁ ଜନସାଧାରଣ ରେ ଦାବି କରିଛନ୍ତି।

## ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ‘ପ୍ରକୃତି ମିତ୍ର’ ପୁରସ୍କାର




**ପାରାଦୀପ, (ନିପ୍ର) :** ଜଗତ୍‌ସିଂହପୁର ଜିଲ୍ଲାର ଅଗ୍ରଣୀ ପରିବେଶଧର୍ମୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ୨୦୨୪ ମସିହା ପାଇଁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଅନୁଷ୍ଠାନର ଦୀର୍ଘବର୍ଷ ଧରି ପରିବେଶ ସୁରକ୍ଷା ଓ ଏହାର ସଭ୍ୟମାନଙ୍କ ଦ୍ୱାରା ବ୍ୟାପକ ଗ୍ରାମ୍ୟ ଜଙ୍ଗଲ ସହ ହେନ୍ତାଳ ବଣ ସୃଷ୍ଟି ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଗତ ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା ପରିବେଶ ସମିତି ଦ୍ୱାରା ଜଗତ୍‌ସିଂହପୁରସ୍ଥ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଆୟୋଜିତ ସୁନାମି ସଚେତନତା ଦିବସ ପାଳନ ଅବସରରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଅନୁଷ୍ଠାନକୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ୨୦୧୬ମସିହାରେ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ‘ପ୍ରକୃତି ମିତ୍ର’ ସମ୍ମାନରେ ସମ୍ମାନିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ପରାଦୀପ ଗଡ଼, ନରେନ୍ଦ୍ରପୁର, ଉତ୍ସବାନନ୍ଦପୁର, ଡିଆ, କେନ୍ଦ୍ରାପଡ଼ା ଜିଲ୍ଲାର ଖୁରୁସିଆ ଆଦି ବିଭିନ୍ନ ସ୍ଥାନରେ ସୃଷ୍ଟି କରାଯାଇଥିବା ଗ୍ରାମ୍ୟ ଜଙ୍ଗଲ ଓ ମହାନଦୀ ଅବବାହିକାରେ ଦୀର୍ଘବର୍ଷ ଧରି ସୃଷ୍ଟି କରାଯାଇଥିବା ବ୍ୟାପକ ହେନ୍ତାଳ ବଣ ପାଇଁ ଅନୁଷ୍ଠାନ ସାଧାରଣରେ ବହୁବାର ପ୍ରଶଂସିତ ହୋଇଛି। ଏହି ପୁରସ୍କାର ଗ୍ରହଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଇଂ. ଶୁକଦେବ ତରେଇ, ଅରବିନ୍ଦ ସ୍ୱାଇଁ, ଦୀପକ ପରିଡ଼ା, ଜିତେନ୍ଦ୍ର ପ୍ରସାଦ ସାମଲ, ଅଭିଜିତ୍ ପଲାଇ, ବିପିନା ବେହେରା, କାଳିଆ ମହାପାତ୍ର, ଯଶୋବନ୍ତ ନାୟକ, ସୁମନ ସାହୁ, ଗ୍ରାମ ମୁରବୀ ପରିକ୍ଷିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁରସ୍କାର ଆଗାମୀ ଦିନ ଗୁଡ଼ିକରେ ଆହୁରି ଅନେକ କାମ କରିବାକୁ ପ୍ରେରଣା ଯୋଗାଇବ ବୋଲି ଅନୁଷ୍ଠାନ ସଭାପତି ଅଶୋକ ମାଝି ଓ ସଂପାଦକ ଦିଲ୍ଲିପକ କୁମାର ପଲାଇ ସୂଚନା ଦେଇଛନ୍ତି।

## ଖାନ୍ ଏକାଡେମୀ ଶିକ୍ଷକଙ୍କ ପାଇଁ ମାଗଣା ଏଆଇ ଟୁଲ୍ ଖାନ୍ମିଗୋ ଆରମ୍ଭ

**ନୂଆଦିଲ୍ଲୀ,୧୫।୧୧ (ମହାଭାରତ):** ଯେକୌଣସି ସ୍ଥାନରେ ଯେକୌଣସି ସ୍ଥାନରେ ଯେକୌଣସି ବ୍ୟକ୍ତିଙ୍କୁ ଦେୟମୁକ୍ତ, ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ଖାନ୍ ଏକାଡେମୀ, ୧୪ ନଭେମ୍ବର ୨୦୨୪ରୁ ଭାରତର ସମସ୍ତ ଶିକ୍ଷକଙ୍କ ପାଇଁ ମାଗଣା, ଏଆଇ ଚାଳିତ ଟୁଲ୍ ଖାନ୍ମିଗୋ ଲ୍ କରିବାକୁ ଘୋଷଣା କରିଛି। ଏହି ଶୁଭାରମ୍ଭ ଅବସରରେ ଶିକ୍ଷକମାନେ ଦେୟମୁକ୍ତ ଭାବରେ ଖାନ୍ମିଗୋକୁ ଶିକ୍ଷା ସହାୟକ ଭାବେ ବ୍ୟବହାର କରିପାରିବେ। ଏହା ଉଭୟ ଇଂରାଜୀ ଏବଂ ହିନ୍ଦୀରେ ଉପଲବ୍ଧ ଅଟେ, ଏବଂ ଖାନ୍ମିଗୋ ଏକ ଏଆଇ ଶିକ୍ଷା ସହାୟକ ଅଟେ ଏବଂ ଶିକ୍ଷାର୍ଥୀଙ୍କ ପାଇଁ ଏକ ପ୍ରଶିକ୍ଷକ ଅଟେ ଯାହାକୁ ଶିକ୍ଷକଙ୍କ ଦକ୍ଷତା ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷଣକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ଉନ୍ନତମାନର ଶିକ୍ଷାସମ୍ପଦକୁ ସମସ୍ତ ଭାଷାରେ ଉପଲବ୍ଧ ଏବଂ ପ୍ରଭାବଶାଳୀ କରିବା ପାଇଁ ଖାନ୍ ଏକାଡେମୀର ପ୍ରତିବଦ୍ଧତା ଉପରେ ଏହି ଶୁଭାରମ୍ଭ ଆଧାରିତ ଅଟେ।

ଶିକ୍ଷକମାନେ ଖାନ୍ ଏକାଡେମୀ ପ୍ଲାଟଫର୍ମରେ ଖାନ୍ମିଗୋକୁ ମାଗଣାରେ ଆକ୍ସେସ୍ କରିବାକୁ ସକ୍ଷମ ହେବେ, ଯେଉଁଥିରେ ପାଠ ପ୍ରସ୍ତୁତିକୁ ସରଳ କରିବା, ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତକୃତ ଅଂଶଗ୍ରହଣ ବୃଦ୍ଧି କରିବା ଏବଂ ଶ୍ରେଣୀଗୃହ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଉପଯୋଗୀ ଉପକରଣ ରହିଛି। ବିଶ୍ୱବ୍ୟାପୀ ଶିକ୍ଷକମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ଖାନ୍ମିଗୋରେ ବିଭିନ୍ନ କଠିନତା ସ୍ତରର ଅନେକ ସହଜ ବୈଶିଷ୍ଟ୍ୟ ଅଛି, ଯେପରିକି ପାଠ୍ୟକ୍ରମ-ସଂଯୋଜିତ ମୂଲ୍ୟାୟନ, ସୃଜନଶୀଳ ପାଠ ଧାରଣା ଏବଂ କ୍ଷୁଦ୍ର ଅଧ୍ୟାୟ ସାରଣୀୟ ଏହି ଉପକରଣ ମାଧ୍ୟମରେ ଶିକ୍ଷକମାନେ ଶ୍ରେଣୀଗୃହରେ ଶିକ୍ଷାଦାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ଆବଶ୍ୟକତା ଉପରେ ଅଧିକ ଧ୍ୟାନ ଦେଇପାରିବେ।

ଖାନ୍ ଏକାଡେମୀ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶିକା ସ୍ୱାତୀ ବାସୁଦେବନ ଖାନ୍ମିଗୋର ଉନ୍ମୋଚନ ଅବସରରେ ଉତ୍ସାହ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି, ଶିଶୁ ଦିବସର ଏହି ବିଶେଷ ଅବସରରେ ଆମେ ସାରା ଭାରତର ସମସ୍ତ ଶିକ୍ଷକଙ୍କ ପାଇଁ ଖାନ୍ମିଗୋକୁ ଦେୟମୁକ୍ତ ଭାବରେ ଉପଲବ୍ଧ କରାଇଥିବାରୁ ଆନନ୍ଦିତ। ଖାନ୍ ଏକାଡେମୀରେ, ଆମେ ବିଶ୍ୱାସ କରୁ ଯେ ଶିକ୍ଷକମାନେ ପ୍ରତ୍ୟେକ ପିଲାଙ୍କ ସାମର୍ଥ୍ୟକୁ ଉନ୍ମୋଚନ କରିବାର ଚାବିକାଠି ଅଟନ୍ତି ଏବଂ ଖାନ୍ମିଗୋ ପ୍ରଦାନ କରି ଆମେ ଶିକ୍ଷକମାନଙ୍କୁ ସଶକ୍ତ କରୁଛୁ ଯାହା ଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀ ଏକ ବ୍ୟକ୍ତିଗତ ଏବଂ ପ୍ରଭାବଶାଳୀ ଶିକ୍ଷଣ ଅଭିଜ୍ଞତା ପାଇବେ।

## ନଭେମ୍ବର ୭ରୁ ମର୍କ୍ୟୁରୀ ଟ୍ରେଡ ଲିଙ୍କସ୍ ୪୮.୯୫ କୋଟି ଟଙ୍କାର ରାଇଟସ୍ ଉନ୍ମୁକ୍ତ

**ଅହମଦାବାଦ,୧୫।୧୧ (ମହାଭାରତ):** କୃଷିଜାତ ସାମଗ୍ରୀ ଟ୍ରେଡିଂ ବ୍ୟବସାୟରେ ନିୟୋଜିତ ଅହମଦାବାଦସ୍ଥିତ ମର୍କ୍ୟୁରୀ ଟ୍ରେଡ ଲିଙ୍କସ୍ ଲିମିଟେଡ (ବିଏସଇ-୫୧୨୪୧୫)ର ୪୮.୯୫ କୋଟି ଟଙ୍କାର ରାଇଟସ୍ ଇସ୍ୟୁ ୨୦୨୪ ନଭେମ୍ବର ୭ ତାରିଖରୁ ଉନ୍ମୁକ୍ତ ହୋଇଛି। ଏହି ରାଇଟ ଇସ୍ୟୁ ଜରିଆରେ ସଂଗୃହୀତ ପାଣ୍ଠିକୁ କମ୍ପାନୀର କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା, ଇସ୍ୟୁ ବାବଦ ଖର୍ଚ୍ଚ, ସାଧାରଣ କମ୍ପାନୀ ପରିଚାଳନା ବାବଦ ଖର୍ଚ୍ଚ ଆଦିରେ ବିନିଯୋଗ କରାଯିବ। କମ୍ପାନୀର ସେୟାର ପିଛା ମୂଲ୍ୟ ୨୦୨୪ ନଭେମ୍ବର ୬ ତାରିଖରେ ୬୦.୪୩ ଟଙ୍କାରେ ବନ୍ଦ ହୋଇଥିବାବେଳେ ରାଇଟ ଇସ୍ୟୁରେ ସେୟାରଗୁଡିକ ପ୍ରତି ସେୟାର ପିଛା ମୂଲ୍ୟ ୪୪.୯୫ ଟଙ୍କାରେ ଯୋଗାଇ ଦିଆଯାଉଛି। ରାଇଟସ୍ ଇସ୍ୟୁ ୨୦୨୪ ଡିସେମ୍ବର ୦୫ ତାରିଖରେ ବନ୍ଦ ହେବ। ୨୦୨୪ ମାର୍ଚ୍ଚ ପରବର୍ତ୍ତୀ ସମୟରେ ଏହା କମ୍ପାନୀର ୨ୟ ରାଇଟସ୍ ଇସ୍ୟୁ ହୋଇଛି। ୯.୯୦ କୋଟି ଟଙ୍କା ସଂଗ୍ରହ କରିବା ନିମନ୍ତେ ଏହାର ପ୍ରଥମ ରାଇଟସ୍ ଇସ୍ୟୁ ପ୍ରତି ସେୟାର ପିଛା ମୂଲ୍ୟ ୪୦.୦୦ ଟଙ୍କାରେ କରାଯାଇଥିଲା।

କମ୍ପାନୀ ପ୍ରତ୍ୟେକ ସେୟାରର ଫେସ୍‌ଭାଲ୍ୟୁ ୧୦ ଟଙ୍କା ହିସାବରେ ୧,୦୮,୯୦,୦୦୦ ଫୁଲି ପେଡ୍-ଅପ ଇକ୍ୱିଟି ସେୟାର ଇସ୍ୟୁ କରିବ ଏବଂ ପ୍ରତି ଇକ୍ୱିଟି ସେୟାର ପିଛା ମୂଲ୍ୟ ୪୪.୯୫ ଟଙ୍କା (ପ୍ରତି ଇକ୍ୱିଟି ସେୟାର ପିଛା ୩୪.୯୫ ଟଙ୍କା ପ୍ରିମିୟମ ସହିତ) ରହିଛି ଯାହାର ମୋଟ ମୂଲ୍ୟ ୪୮.୯୫ କୋଟି ଟଙ୍କା। ପ୍ରସ୍ତାବିତ ଇସ୍ୟୁ ନିମନ୍ତେ ରାଇଟସ୍ ଏନଟାଇଟଲମେଣ୍ଟ ଅନୁପାତ ୪:୧ (ରେକର୍ଡ ତାରିଖ ଅକ୍ଟୋବର ୨୪, ୨୦୨୪ ରେକର୍ଡ ତାରିଖ ସୁଦ୍ଧା ଇକ୍ୱିଟି ଅଂଶଧାରକଙ୍କ ଦ୍ୱାରା ଧାରଣ କରାଯାଇଥିବା ପ୍ରତ୍ୟେକ ଗୋଟିଏ ଫୁଲି-ପେଡ୍ ଅପ ଇକ୍ୱିଟି ସେୟାର ନିମନ୍ତେ ପ୍ରତ୍ୟେକ ୧୦ ଟଙ୍କା ଫେସ୍‌ଭାଲ୍ୟୁ ବିଶିଷ୍ଟ ୪ଟି ରାଇଟସ୍ ଇକ୍ୱିଟି ସେୟାର) ରହିଛି। ରାଇଟସ୍ ଏନଟାଇଟଲମେଣ୍ଟର ଅନ୍-ମାର୍କେଟ ତ୍ୟାଗ (ରେନୁନ୍‌ସିଏସନ) ନିମନ୍ତେ ଶେଷ ତାରିଖ ୨୦୨୪ ନଭେମ୍ବର ୨୯ ରଖାଯାଇଛି। ଇସ୍ୟୁରୁ ସଂଗୃହୀତ ହେବାକୁ ଥିବା ୪୮.୯୫ କୋଟି ଟଙ୍କା ମଧ୍ୟରୁ କମ୍ପାନୀ ତାହାର କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ନିମନ୍ତେ ୩୬.୯୪ କୋଟି ଟଙ୍କା, ରାଇଟସ୍ ଇସ୍ୟୁ ବାବଦ ଖର୍ଚ୍ଚ ନିମନ୍ତେ ୨୫ ଲକ୍ଷ ଟଙ୍କା ଏବଂ ସାଧାରଣ କମ୍ପାନୀ ପରିଚାଳନା ନିମନ୍ତେ ୧୧.୭୬ କୋଟି ଟଙ୍କା ବିନିଯୋଗ କରିବାକୁ ଆଗ୍ରହ ରଖିଛି।

## ମୂଲ୍ୟହୀନ ଡିଗ୍ରୀଧାରୀ

ସରକାରୀ ଅଫିସରେ ପିଅନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲେ ସ୍ନାତକୋତ୍ତର ଡିଗ୍ରୀଧାରୀ ମେଧାବୀ ଛାତ୍ରଟିଏ ମଧ୍ୟ ଏଥିପାଇଁ ଆଗ୍ରହୀ ହୋଇଥାଏ। କାରଣ ହେଲା ବଂଚିବାକୁ ସଂଘର୍ଷ। ଗରୀବ, ନିମ୍ନମଧ୍ୟବିତ୍ତ ବର୍ଗର ଛାତ୍ରଟିଏ ପାଠ ପଢ଼ିବାର ମୁଖ୍ୟ ଉଦ୍ଦେଶ୍ୟ ରଖିଥାଏ କିପରି ସରକାରୀ ଚାକିରୀ ଖଣ୍ଡେ ପାଇବ। କାରଣ ସରକାରୀ ଚାକିରୀରେ ସ୍ଥାୟିତ୍ୱ ରହିଛି, ଘରୋଇ କ୍ଷେତ୍ରରେ ଚାକିରୀ କହିଲେ ଶୋଷଣ ଏବଂ ଅତ୍ୟାଚାର। ଭାରତର ଜନସଂଖ୍ୟା ଯାହା ସେଥିରେ ସମସ୍ତଙ୍କୁ ବା ଅଧା ଆବେଦନକାରୀଙ୍କୁ ନିଯୁକ୍ତି ଦେବା ମଧ୍ୟ ଅସମ୍ଭବ। ଯେତେବେଳେ ଗୋଟିଏ ପଦକୁ ଲକ୍ଷେ ପିଲା ଆବେଦନ କରନ୍ତି, ସେତେବେଳେ ଦୁର୍ନୀତିର ମଧ୍ୟ ଆଶଙ୍କା ରହିଛି। କେବଳ ସରକାରୀ ଚାକିରୀ ନୁହେଁ, ଭଲ ଶିକ୍ଷାନୁଷ୍ଠାନରେ ବିଶେଷ କରି ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ମଧ୍ୟ ଏଭଳି ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥାଏ ଏବଂ ଏଥିର ମଧ୍ୟ ଦୁର୍ନୀତି ହେଉଛି। ନିକଟରେ ଏନଟିଏ ଦ୍ୱାରା ପରିଚାଳିତ ନିଟ-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିଛି। ପ୍ରଶ୍ନପତ୍ର ଲିକଠାରୁ ଆରମ୍ଭ କରି କିଛି ପରୀକ୍ଷାର୍ଥୀଙ୍କୁ ବେଆଇନ ଭାବେ ଗ୍ରେସ ମାର୍କ ଦିଆଯିବା ଅଭିଯୋଗ ହେବା ପରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସିବିଆଇ ଏହା ଉପରେ ମାମଲା ରୁଜୁ କରି ଗିରଫଦାରୀ ଆରମ୍ଭ କରିଛି। ବିହାର ପୋଲିସ ମଧ୍ୟ ଏହାର ତଦନ୍ତ କରି ୧୮ଜଣଙ୍କୁ ଗିରଫ କରିଛି। ଏହାର ଚେର ବେଶ ଗଭୀରକୁ ଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୫୬୩ଜଣ ପରୀକ୍ଷାର୍ଥୀଙ୍କୁ ମିଳିଥିବା ଗ୍ରେସ ମାର୍କକୁ ମଧ୍ୟ ବାତିଲ କରାଯାଇଛି। ସେମାନଙ୍କୁ ପୁନର୍ବାର ପରୀକ୍ଷା ଦେବାକୁ ସୁଯୋଗ ମିଳିଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ଅଧା ପରୀକ୍ଷା ଦେଲେନି। କେବଳ ନିଟ-ୟୁଜି ନୁହେଁ ନିଟ-ପିଜି ପରୀକ୍ଷା ଏବଂ ସିଏସଆଇଆର-ନିଟ ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି। ଏଥିନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଯଦି ଜଣେ ଯୋଗ୍ୟ ଛାତ୍ର ଗଳାବାଟରେ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇ ଡାକ୍ତର ହୁଏ ତେବେ ସମାଜର ଅବସ୍ଥା କ'ଣ ହେବ ତାହା ଅନୁମାନ ଯୋଗ୍ୟ। ଏମିତି ସଂରକ୍ଷଣ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଏବଂ ନିମ୍ନମାନର ଛାତ୍ରଛାତ୍ରୀ ମେଡିକାଲ ପଢ଼ିବାର ସୁଯୋଗ ପାଉଛନ୍ତି। ସେଥିରେ ଦୁର୍ନୀତି କରି ଅନେକ ଅଯୋଗ୍ୟ ଛାତ୍ରଛାତ୍ର ମେଡିକାଲ ପଢ଼ି୧ବାର ସୁଯୋଗ ପାଉଛନ୍ତି। ସେଥିରେ ଭଲ ଡାକ୍ତର କେମିତି ବାହାରିବେ? ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ପ୍ରବେଶିକା ପରୀକ୍ଷା ବିଫଳ ହେଉଥିବା ଅନେକ ମେଧାବୀ ଛାତ୍ରଛାତ୍ରୀ ଯୋଗ୍ୟତା ଥାଇ ମଧ୍ୟ ସାମାନ୍ୟ ତ୍ରୁଟିରୁ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବାକୁ ସକ୍ଷମ ହେଉ ନାହାଁନ୍ତି। କିନ୍ତୁ କିଛି ଅଯୋଗ୍ୟ ଛାତ୍ର ବିଭିନ୍ନ ବାଟରେ ମେଡିକାଲ ପଢ଼ିବାକୁ ସୁଯୋଗ ପାଉଛନ୍ତି। ଏହା ଦ୍ୱାରା ଅନେକ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଏନଟିଏ ଭଳି ଜାତୀୟ ସ୍ତରର ଏଜେନ୍ସି ଦ୍ୱାରା ପରିଚାଳିତ ପରୀକ୍ଷାରେ ଯଦି ଏଭଳି ଦୁର୍ନୀତି ହୁଏ ତେବେ ଏହା ଚିନ୍ତାଜନକ, ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ନିମନ୍ତେ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟିର ସୁପାରିସକ୍ରମେ ସରକାର ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବେ। ଏହା ସ୍ୱାଗତଯୋଗ୍ୟ। ଅନେକ ଏନଟିଏକୁ ବନ୍ଦ କରି ପୂର୍ବପରି ରାଜ୍ୟସ୍ତରରେ ପ୍ରତିଯୋଗିତା ମୂଳକ ପରୀକ୍ଷା ହେଉ ଏବଂ ସର୍ବଭାରତୀୟ ପରୀକ୍ଷାକୁ ରଦ୍ଦ କରାଯାଉ ବୋଲି ଦାବି କରିଛନ୍ତି।

“

*;ଇଂରେଜ ରାଜତ୍ୱ ସମୟରୁ (ସ୍ୱାଧୀନତା ପରେ ମଧ୍ୟ) ଯେଉଁମାନେ ମାଟ୍ରିକ୍ୟୁଲେସନ ପରେ ଆଇନରେ ଡିପ୍ଲୋମା ପାସ କରୁଥିଲେ ସେମାନଙ୍କୁ ମୁକ୍ତିଆର କୁହାଯାଉଥିଲା। ସେମାନେ କେବଳ ତଳ କୋର୍ଟରେ କାର୍ଯ୍ୟ କରୁଥିଲେ। ଯେଉଁମାନେ ବିଏ ପାସ ପରେ ବିଏଲ ପାସ କରୁଥିଲେ ସେମାନେ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ସହିତ ଅନ୍ୟାନ୍ୟ ହାଇକୋର୍ଟରେ ଆଇନ ବ୍ୟବସାୟ କରୁଥିଲେ। (ପୂର୍ବରୁ ମେଡ଼ିକାଲରେ ଯେପରି ବ୍ୟବସ୍ଥା ଥିଲା)। ୧୯୬୨ ପରଠାରୁ ମୁକ୍ତିଆର ବ୍ୟବସ୍ଥା ଉଠାଇ ଦିଆଗଲା।*

# ଓଡ଼ିଶା ହାଇକୋର୍ଟ

॥ ସୌର ଚନ୍ଦ୍ର ମହାପାତ୍ର ॥

ଆଜିକୁ ୭୫ ବର୍ଷ ପୂର୍ବେ ଅର୍ଥାତ୍ ୧୯୪୮ ମସିହା ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା। ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ସାର ହରିଲାଲ ଜେ କାନିଆଙ୍କ ଦ୍ୱାରା କଟକ ସହରରେ ହିଁ ହାଇକୋର୍ଟ ଉଦଘାଟିତ ହୋଇଥିଲା। ହାଇକୋର୍ଟ ଗଠନ ପଛରେ ରହିଛି ଏକ ଲମ୍ବା ଇତିହାସ। ୧୯୧୨, ମାର୍ଚ୍ଚ ୨୨ ବିହାର ଓ ଓଡ଼ିଶାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଥାଏ। ଏହି ପ୍ରଦେଶର ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥା ଥିଲା କଲିକତା ହାଇକୋର୍ଟଙ୍କ ଅଧୀନରେ। ୧୯୧୬, ଫେବୃଆରୀ ୯ରେ ପାଟନା ହାଇକୋର୍ଟ ପ୍ରତିଷ୍ଠା ହେଲା। ଭାରତ ଶାସନ ଆଇନ ଅନୁସାରେ ବ୍ରିଟିଶ ରାଣୀଙ୍କ ଦ୍ୱାରା ଏକ ସବତନ୍ତ୍ର ନିର୍ଦ୍ଦେଶନାମା ବଳରେ ଏହି କୋର୍ଟ ଆରମ୍ଭ ହୋଇଥିବା କୁହାଯାଏ। ୧୯୧୬, ମେ ୧୯ରେ କଟକରେ ପାଟନା ହାଇକୋର୍ଟର ପ୍ରଥମ ସର୍କିଟ ବେଞ୍ଚ ବସିଥିଲା। ଏହି ସର୍କିଟ ବେଞ୍ଚରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚେମିୟର ଓ ଜଷ୍ଟିସ ସରଫଉଦ୍ଦିନ ବସି ବିଭିନ୍ନ ମାମଲାର ବିଚାର କରିଥିଲେ। ମଧୁ ବାରିଷ୍ଟର ଓରଫ ଉତ୍କଳ ଗୌରବ ମଧୁସୂଦନ ଦାସ ସେତେବେଳେ ଥାଆନ୍ତି ବାର ଆସୋସିଏସନର ସଭାପତି। ଏହି ବେଞ୍ଚଟି ଦିନେ ସ୍ଥାୟୀ ହାଇକୋର୍ଟରେ ରୂପାନ୍ତରିତ ହେବ ବୋଲି ମଧୁବାବୁ ଭବିଷ୍ୟବାଣୀ ଶୁଣାଇଥିଲେ।

୧୯୪୮ ମସିହା ଜୁଲାଇ ୨୬ ତାରିଖ ପୂର୍ବାହ୍ନରେ ହାଇକୋର୍ଟକୁ ଉଦଘାଟନ କରିଥିଲେ ଫେଡେରାଲ କୋର୍ଟ (ବର୍ତ୍ତମାନର ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତି ସାର ହୀରାଲାଲ ଜେ.କାନିଆଁ। ମୁଖ୍ୟ ବିଚାରପତିଙ୍କ ସହିତ ତିନିଜଣ ସହଯୋଗୀ ବିଚାରପତି, ଜଷ୍ଟିସ ବୀରକିଶୋର ରାୟ ପ୍ରଥମ ମୁଖ୍ୟ ବିଚାରପତି ଆସନ ଅଳଙ୍କୃତ କରିଥିବାବେଳେ ଜଷ୍ଟିସ ବାବୁ ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପାଣିଗ୍ରାହୀ ଓ ଜଷ୍ଟିସ ଆର.ଏଲ.ନରସିଂହମ୍‌ଙ୍କୁ ଉଦଘାଟନୀ ଉତ୍ସବରେ ତତ୍କାଳୀନ ରାଜ୍ୟପାଳ ଆସଫ ଅଲ୍ଲୀ ଶପଥ ଗ୍ରହଣ କରାଇଥିଲେ। ୧୯୪୬ ମସିହାରେ ସେ ସମୟରେ ପ୍ରଧାନମନ୍ତ୍ରୀ ରୂପେ ଅଧିଷ୍ଠିତ ଡ.ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳ ଗଠନର ଦୁଇ ବର୍ଷ ପରେ ପାଟନା ହାଇକୋର୍ଟରୁ ପୃଥକ ହୋଇ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା। ୧୯୧୩ ମସିହାରେ ଇଂରେଜ ସରକାର ଓଡ଼ିଶାର କଟକଠାରେ ଓଡ଼ିଶା ଜର୍ଜକୋର୍ଟ ସ୍ଥାପନ କରିଥିଲେ। ୧୯୩୬ ମସିହା ଅପ୍ରେଲ ପହିଲାରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲେ ସୁଦ୍ଧା ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ହେବାକୁ ବାରବର୍ଷ ଲାଗିଗଲା। ଏହାର କାରଣ ଥିଲା ମାନ୍ଦ୍ରାଜ (ମାଡ୍ରାସ) ପ୍ରେସିଡେନ୍ସିର ରାଇଟର୍ସ ବିଲଡିଂ ନିର୍ଦ୍ଦେଶରେ ଶାସିତ ହେଉଥିବା ଦକ୍ଷିଣ ଓଡ଼ିଶା ଅଞ୍ଚଳ ଓଡ଼ିଶାରେ ସାମିଲ ହୋଇଥିଲା। ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କଲା। ଓଡ଼ିଶାରେ ସ୍ୱତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ହେଉ, ଏଇ ଦାବୀ କୁହୁଳିଲା ଏଇ ଦିନଠାରୁ। ୧୯୪୨ ମସିହା, ଅଗଷ୍ଟ ୧୫ ତାରିଖରେ ହାଇକୋର୍ଟ ପ୍ରତିଷ୍ଠାର ଆବଶ୍ୟକତା ଅନୁଧ୍ୟାନ କରିବାକୁ ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଢ଼ାଗଲା। ଏହି କମିଟି ତତ୍କାଳୀନ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ମନ୍ତ୍ରୀମଣ୍ଡଳରେ ଗୃହୀତ ଏକ ପ୍ରସ୍ତାବ ଅନୁଯାୟୀ ତିଆରି ହୋଇଥିଲା। ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତାଙ୍କ ପ୍ରଦତ୍ତ ରିପୋର୍ଟରେ ସବତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିଲେ। ୧୯୪୮ ଏପ୍ରିଲରେ ଓଡ଼ିଶା ହାଇକୋର୍ଟ ଅର୍ଡ଼ର, ୧୯୪୮ ଜୁଲାଇ ୫ରେ ହାଇକୋର୍ଟ ହେବ ବୋଲି ବିଧିବଦ୍ଧ ଘୋଷଣାନାମା ଜାରି ହୋଇଥିଲା। ସେହି ମାସ ୧୯୪୮ ମସିହା ଜୁଲାଇ ୨୬ ତାରିଖ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେଲା।

ଇଂରେଜ ରାଜତ୍ୱ ସମୟରୁ (ସ୍ୱାଧୀନତା ପରେ ମଧ୍ୟ) ଯେଉଁମାନେ ମାଟ୍ରିକ୍ୟୁଲେସନ ପରେ ଆଇନରେ ଡିପ୍ଲୋମା ପାସ କରୁଥିଲେ ସେମାନଙ୍କୁ ମୁକ୍ତିଆର କୁହାଯାଉଥିଲା। ସେମାନେ କେବଳ ତଳ କୋର୍ଟରେ କାର୍ଯ୍ୟ କରୁଥିଲେ। ଯେଉଁମାନେ ବିଏ ପାସ ପରେ ବିଏଲ ପାସ କରୁଥିଲେ ସେମାନେ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ସହିତ ଅନ୍ୟାନ୍ୟ ହାଇକୋର୍ଟରେ ଆଇନ ବ୍ୟବସାୟ କରୁଥିଲେ। (ପୂର୍ବରୁ ମେଡ଼ିକାଲରେ ଯେପରି ବ୍ୟବସ୍ଥା ଥିଲା)। ୧୯୬୨ ପରଠାରୁ ମୁକ୍ତିଆର ବ୍ୟବସ୍ଥା ଉଠାଇ ଦିଆଗଲା। ସମସ୍ତେ ଆଡ଼ଭୋକେଟ ରୂପେ ତଳକୋର୍ଟ ସମେତ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ବ୍ୟବସ୍ଥା ହେଲା। ୧୯୬୧ ମସିହା ପରଠାରୁ ଷ୍ଟେଟ ବାର କାଉନସିଲ ସାରା ରାଜ୍ୟରେ ୫୮,୩୨୯ ଜଣଙ୍କୁ ଆଇନ ବ୍ୟବସାୟ କରିବା ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି। ଏହି ୬୨ ବର୍ଷ ମଧ୍ୟରେ ୧୯୯୯ ମସିହାରେ ୩୭୬୮ ଜଣଙ୍କୁ ଲାଇସେନ୍ସ ଦେଇଥିବାବେଳେ ୧୯୬୧ ମସିହାରେ ମାତ୍ର ୨୬ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରିଥିଲେ। ୧୯୬୭ ମସିହା ପୂର୍ବରୁ ଆଇନ ବ୍ୟବସାୟ କରିବା ନିମନ୍ତେ ଭିନ୍ନ ପ୍ରକାର ବ୍ୟବସ୍ଥା ଥିଲା। ଆଡଭୋକେଟ ହେବାକୁ ହେଲେ ଜଣେ ସିନିୟର ଆଡ଼ଭୋକେଟ ପାଖରେ ୧ବର୍ଷ ୧୦ ମାସ ଆର୍ଟିକିଲ କ୍ଲର୍କ ଭାବେ କାର୍ଯ୍ୟ କରି ଲିଖିତ ଓ ମୌଖିକ ପରୀକ୍ଷାରେ ପାସ କରିବା ପରେ ଲାଇସେନ୍ସ ଦିଆଯାଉଥିଲା। ପୁନରାୟ ୨୦ ବର୍ଷ ପରେ ବାର କାଉନସିଲ ନିଷ୍ପତ୍ତି ଅନୁଯାୟୀ ଏକ ବର୍ଷ ପରେ ଲାଇସେନ୍ସ ବ୍ୟବସ୍ଥା ଚାଲି ଆସୁଥିବାବେଳେ ୧୯୯୯ରେ ତାହା ଉଠାଇ ଦିଆଯାଇଥିଲା। ଯେଉଁମାନେ ଲ ପାସ କଲେ ସେମାନେ କୋର୍ଟରେ ପ୍ରାକ୍ଟିସ କରିପାରିବେ।

ହାଇକୋର୍ଟ ଶୁଭାରମ୍ଭ ସମୟରେ କର୍ମଚାରୀ ଥିଲେ ୧୨୩ ଜଣ। ହାଇକୋର୍ଟକୁ ୫୦ ବର୍ଷ ଅତିକ୍ରାନ୍ତ କରିଥିବାବେଳେ ହାଇକୋର୍ଟରେ ଥିଲେ ୬୧୦ଜଣ କର୍ମଚାରୀ। ସେମାନଙ୍କ ମଧ୍ୟରୁ ମାତ୍ର ୪୦ଜଣ ମହିଳା କର୍ମଚାରୀ। ବିଭିନ୍ନ ପ୍ରକାର ମାଲିମକଦ୍ଦମା ପଞ୍ଜୀକରଣ ଦୃଷ୍ଟିରୁ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକ ହେବାରୁ ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ଅଛନ୍ତି ୧୩୬୯ କର୍ମଚାରୀ। ସେମାନଙ୍କ ମଧ୍ୟରୁ ୧୨୮ ମହିଳା କର୍ମଚାରୀ। ଭବଷ୍ୟତକୁ ଆଖି ଆଗରେ ରଖି ବିଚାରପତି ଅଧିକ ଆବଶ୍ୟକତା ଦୃଷ୍ଟିରୁ କୋର୍ଟ ରୁମ ବ୍ୟବସ୍ଥା ନିମନ୍ତେ ୨୦୦୮ରେ ନୂତନ ସୌଧ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ୨୦୧୪ ଜାନୁଆରୀ ୨ ତାରିଖ ଠାରୁ ନୂତନ ସୌଧରେ କୋର୍ଟ କାର୍ଯ୍ୟ ସମ୍ପାଦନ କରାଯାଉଛି। ଓଡ଼ିଶା ହାଇକୋର୍ଟରେ ୨୦୨୨ ଜୁଲାଇ ସୁଦ୍ଧା ୧୮୮୬୯ଟି ମକଦ୍ଦମା ବିଚାର ଅପେକ୍ଷାରେ। ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଉତ୍ସବରେ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଆସିଫ ଅଲ୍ଲୀ ଅଧ୍ୟକ୍ଷତା କରିଥିଲେ। ପଶ୍ଚିମବଙ୍ଗର ତତ୍କାଳୀନ ରାଜ୍ୟପାଳ ଡକ୍ଟର କୈଳାସ ଚନ୍ଦ୍ର କାଟଜୁ, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସାର ସୀଲତାନ ଅହମ୍ମଦ, ବଙ୍ଗଳାର ଆଡ଼ଭୋକେଟ ଜେନେରାଲ ସାର ଏସ.ଏସ.ବୋଷ ପ୍ରମୁଖ ଯୋଗ ଦେଇଥିଲେ। ଜଷ୍ଟିସ ବୀର କିଶୋର ରାୟ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ଓଡ଼ିଶା ହାଇକୋର୍ଟର ଅନ୍ୟସବୁ ସ୍ଥାୟୀ ବିଚାରପତି ମାନଙ୍କ ମଧ୍ୟରେ ଥିଲେ ଜଷ୍ଟିସ ବି.ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପ୍ରାଣିଗ୍ରାହୀ, ଜଷ୍ଟିସ ଆର.ଏଲ. ନରସିଂହମ। ଏମାନଙ୍କୁ ନେଇ ଓଡ଼ିଶା ହାଇକୋର୍ଟ ଆରମ୍ଭ ହୋଇଥିଲା। ୧୯୫୮, ଜୁଲାଇ ୨୬ ତାରିଖରେ ହାଇକୋର୍ଟଙ୍କ ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀର କିଶୋର ରାୟଙ୍କ ପରଲୋକ ହୋଇଥିଲା। ଏହି କାରଣରୁ ଜୁଲାଇ ୨୬ ତାରିଖକୁ ଓଡ଼ିଶା ହାଇକୋର୍ଟଙ୍କ ପ୍ରତିଷ୍ଠା ଦିବସ ଓ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧ ଦିବସ ଭାବେ ପାଳନ କରାଯାଉଛି।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୪୬୬

# ସ୍ୱପ୍ନ ଓ ସଂକଳ୍ପର ରୂପକାର : ଡକ୍ଟର କଲାମ୍

॥ ଗଙ୍ଗାଧର ସାମଲ ॥

ମାଟିରୁ ମହାକାଶ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ନିଜ ସ୍ୱପ୍ନକୁ ସତ୍ୟରେ ପରିଣତ କରି ଶ୍ରେଷ୍ଠ କୀର୍ତ୍ତି ସ୍ତମ୍ଭର ସ୍ଥପତି ତଥା ପ୍ରତିଟି ଭାରତୀୟଙ୍କ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତି ସଞ୍ଚାରୁଥିବା ଭାରତୀୟ କ୍ଷେପଣାସ୍ତ୍ର ଜନକ ଦେଶର ସବୁଠାରୁ ଲୋକପ୍ରିୟ ରାଷ୍ଟ୍ରପତି ପଦବୀକୁ ଅଳଙ୍କୃତ କରିଥିବା ମହାନ କୀର୍ତ୍ତି ପୁରୁଷ ଡକ୍ଟର ଅବୁଲ ପାକିର୍ ଜୈନୁଲ୍ ଆବେଦିନ୍ ଅବଦୁଲ କାଲାମ ବା ସମସ୍ତଙ୍କ ପରିଚୟ ଏପିଜେ ଅବଦୁଲ କାଲାମଙ୍କ ଆଜି ହେଉଛି ଜନ୍ମଦିନ। ନିଜର ନିରଳସ ସରଳ ଜୀବନ ଓ ସମସ୍ତଙ୍କ ସହ ପ୍ରିୟତାର ଅମାୟିକ ସ୍ୱଭାବ ସହ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜଣେ ଶିକ୍ଷକ ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବା ଏହି ମହାପୁରୁଷଙ୍କ ମହାପ୍ରୟାଣ ପ୍ରତିଟି ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଦୁଃଖର ଘଟଣାଟି। ନିର୍ବୋଧ ଶିଶୁର କୌତୁହଳ ଠାରୁ ଜ୍ଞାନୀ ବୈଜ୍ଞାନିକଙ୍କ ଅନୁସନ୍ଧିତ୍ସୁ ପ୍ରଶ୍ନ ଯାଏ ସମସ୍ତଙ୍କର ପରିଭାଷାକୁ ବୁଝି ନିଜସ୍ୱ ସରଳ ଭାଷାରେ ଉତ୍ତର ଦେବା ହିଁ ତାଙ୍କର ଜୀବନର ଶ୍ରେଷ୍ଠ ଓ କୃତି ଏହା ହିଁ ଥିଲା ଜନପ୍ରିୟତାଙ୍କର ଅନ୍ୟତମ କାରଣ। ଭାରତକୁ ଦ୍ରୁତ ଶିଳ୍ପାୟନ ପଥ ସହ କ୍ରାନ୍ତିକାରୀ ଶିକ୍ଷାରେ ଅନ୍ୟ ମହାଶକ୍ତିଙ୍କ ସହ ସମକକ୍ଷ ହେବାପାଇଁ ତଥା ଏକ ବିକଶିତ ରାଷ୍ଟ୍ର ଭାବେ ଭାରତକୁ ପରିଣତ କରିବା ପାଇଁ କୋଟି କୋଟି କିଶୋର ଓ ଯୁବକଙ୍କ ମନରେ ସେ ଭରି ଦେଉଥିଲେ ସ୍ୱପ୍ନ ଓ ପ୍ରେରଣା। ଆତ୍ମମଗ୍ନ ରହି ନିଜ ସ୍ୱପ୍ନର ଭାରତ ଗଠନ ପାଇଁ ପ୍ରତିଟି ମୁହୂର୍ତ୍ତ ସେ ଅବିରତ ଭାବରେ ଉତ୍ସର୍ଗ କରିଦେଉଥିଲେ ଏହି ଭାରତ ମାତା ପାଇଁ। ପିଲାଟି ହୁଅନ୍ତୁ ବା ବଡ଼ ପରିଣତ ବୟସର ଲୋକ, ସମସ୍ତଙ୍କ ସ୍ୱପ୍ନର ଉତ୍ସ ଓ ପ୍ରେରଣା ପାଇଁ ସେ ମୂଲ୍ୟବାନ ପାଖାପାଖି କୋଡିଏଟି ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ୍ ଅଫ୍ ଫାୟାର', 'ଇଣ୍ଡିଆ ୨୦୨୦ - ଏ ଭିଜନ ଫର୍ ଦ ନିଉ ମିଲେନିଅମ୍', 'ମାଇଁ ଜିର୍ନି', ଏବଂ 'ଇଗ୍ନାଇଟେଡ୍ ମାଇଣ୍ଡସ୍ ଅନ୍‌ଲିସିଂ ଦ ପାୱାର ୱିଦିନ୍ ଇଣ୍ଡିଆ' ପ୍ରମୁଖ। ଭାରତ ପାଇଁ ଏକ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ ତତ୍କାଳୀନ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ ଡକ୍ଟର ଅବଦୁଲ୍ କାଲାମ ଓ ବିଶିଷ୍ଟ ରାଷ୍ଟ୍ରନାୟକ ରାଜନୀତିଜ୍ଞ ଅଟଳ ବିହାରୀ ବାଜପେୟୀ ଥିଲେ ପ୍ରଧାନମନ୍ତ୍ରୀ। ଜଣେ ପରମାଣୁ ବିଜ୍ଞାନୀ ଭାବେ ସମଗ୍ର ବିଶ୍ୱରେ ସେ ସମ୍ମାନିତ ଓ ସୁପରିଚିତ ଥିଲେ ବି ବରଂ ଜଣେ ଶିକ୍ଷକ ଭାବେ ଜ୍ଞାନର ବିତରଣ ପାଇଁ ସେ ଅହର୍ନିଶ ପ୍ରୟାସ ଜାରି ରଖିଥିଲେ ଓ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଜ୍ଞାନର ଆଲୋକ ହିଁ ପ୍ରଦାନ କରୁଥିଲେ। ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେ ନିଜର ମୂଲ୍ୟବାନ ମାର୍ଗଦର୍ଶନ ଦ୍ୱାରା ଅଗଣିତ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଭବିଷ୍ୟତ ଓ ଦେଶପାଇଁ ସମର୍ପିତ ସୁଯୋଗ୍ୟ ସେବାର ଥିଲେ ପଥ ପ୍ରଦର୍ଶକ ଓ ଆଲୋକବର୍ତ୍ତିକା।

ଡକ୍ଟର କାଲାମଙ୍କ ସହ ଓଡ଼ିଶାର ସମ୍ପର୍କ ଅତ୍ୟନ୍ତ ଆବେଗିକ। ବାଲେଶ୍ୱରର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଅଗ୍ନୀ, ବ୍ରହ୍ମୋସ୍ ଓ ନାଗ ପରି କ୍ଷେପଣାସ୍ତ୍ର ତାଙ୍କରି ମାର୍ଗଦର୍ଶନରେ ହିଁ ପରୀକ୍ଷଣ ହୋଇ ସମଗ୍ର ଭାରତରେ ପ୍ରତିରକ୍ଷା ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଚହଳ ଓ କୃତୀତ୍ୱ ସୃଷ୍ଟି କରିଥିଲା। ଏହା ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନର କାର୍ଯ୍ୟକ୍ରମରେ ବି ସେ ସାମିଲ ହୋଇ ଅନୁଷ୍ଠାନ ଓ ବିଦ୍ୟାର୍ଥୀଙ୍କ ଭିତରେ ପ୍ରେରଣାର ଶକ୍ତି ଯୋଗାଉଥିଲେ। କ୍ଷେପଣାସ୍ତ୍ର ନିର୍ମାଣ ଓ ଉତ୍କ୍ଷେପଣ ପ୍ରଯୁକ୍ତି ବିଦ୍ୟାର ବିକାଶରେ ଭାରତକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ତାଙ୍କ ଅବଦାନ ଅତୁଳନୀୟ। ବିଶ୍ୱର ସର୍ବଶ୍ରେଷ୍ଠ ପାଞ୍ଚଟି ଦେଶ ଭିତରେ ନିଜ ମାତୃଭୂମି ଭାରତକୁ ସମକକ୍ଷ କରିବା ପାଇଁ ସେ ନିଜ ଦେଶ ପ୍ରତି ଯେଉଁପରି ଅଙ୍ଗୀକାରବଦ୍ଧତା ଓ ଉତ୍ସର୍ଗୀକୃତ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ସେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ମିଜାଇଲ୍ ମ୍ୟାନ୍ ନାମ ଭାବରେ ପରିଚିତ। ତାମିଲନାଡୁର ରାମନାଥପୁରମ୍ ଅନ୍ତର୍ଗତ ରାମେଶ୍ୱରମ୍‌ରେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ବେଳୁ ପାଠ ପ୍ରତି ଥିଲା ତାଙ୍କର ଅଧ୍ୟବସାୟ। ସେ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ପୃଥିବୀର ଶୀର୍ଷସ୍ତରରେ ଥିବା ତିରିଶଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଛନ୍ତି। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ବିଭୂଷିତ ହୋଇଥିଲେ। ତାଙ୍କ ଆଦର୍ଶ ଓ ପରମ ଜୀବନରେ ଅନୁପ୍ରାଣୀତ ହୋଇ ତାଙ୍କର ୭୯ତମ ଜନ୍ମ ଦିନକୁ ଜାତିସଂଘ ପକ୍ଷରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରିବାକୁ ଘୋଷିତ ହୋଇଥିଲା। ଭାରତକୁ ୨୦୨୦ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ରାଷ୍ଟ୍ରପତି ଥିବା ସମୟରେ ଏକ ସ୍ୱତନ୍ତ୍ର ଯୋଜନା ଚିନ୍ତନ କରିଥିଲେ। ସେ ଏକଦା ଏକ ଅଭିଭାଷଣରେ କହିଥିଲେ - 'ଦେଶକୁ ଦୁର୍ନୀତି ମୁକ୍ତ ଏବଂ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଅନୁଭବ କରୁଛି। ସେମାନେ ହେଲେ ବାପା, ମାଆ ଓ ଶିକ୍ଷକ।' ଏହି ଅତୁଳନୀୟ ଅମାୟିକ ବ୍ୟକ୍ତିତ୍ୱ ଯାହାଙ୍କର ବିଶାଳ ଓ ବ୍ୟାପକ ଜୀବନଯାତ୍ରା ସ୍ୱପ୍ନ ଓ ସମ୍ଭାବନାରେ ଭରି ରହିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଥିଲେ। ଏହି ଅମଳୀନ ବ୍ୟକ୍ତିତ୍ୱଙ୍କ ଚିନ୍ତନକୁ ସାକାର କରିବା ପାଇଁ ଛାତ୍ରଛାତ୍ରୀ, ବିଦ୍ୟାର୍ଥୀମାନେ ନିଜ ଜୀବନକୁ କର୍ମମୟ କରିପାରିଲେ ତାହା ହିଁ ହେବ ସେପରି ଅତୁଳନୀୟ ବ୍ୟକ୍ତିତ୍ୱଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଆଜି ତାଙ୍କ ସ୍ମରଣୀୟ ମହାପ୍ରୟାଣ ତିଥିରେ ତାଙ୍କ ଚିନ୍ତନକୁ ଆମେ ସମସ୍ତେ ସାକାର କରିବା ପାଇଁ ନିଜର ପ୍ରତିଟି ମୁହୂର୍ତ୍ତକୁ ଉତ୍ସର୍ଗୀକୃତ କରିପାରିଲେ ତାହା ହେବ ତାଙ୍କ ପରଲୋକ ତିଥି ପାଇଁ ଶ୍ରେଷ୍ଠ ଶ୍ରଦ୍ଧା ସୁମନ।

ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା, ଦୂରଭାଷ :
୯୪୩୭୨୨୬୬୪୭

# ହେପାଟାଇଟିସ୍ ଓ ଲିଭର କ୍ୟାନସର

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଲିଭର କ୍ୟାନସର ଏକ ମାରାତ୍ମକ ବ୍ୟାଧି। କିନ୍ତୁ ଏହି ମାରାତ୍ମକ ବ୍ୟାଧିକୁ ବହୁକାଂଶରେ ନିରାକରଣ କରାଯାଇପାରିବ। ପ୍ରତିବର୍ଷ ସମଗ୍ର ପୃଥିବୀରେ ଛଅ ଲକ୍ଷ ବ୍ୟକ୍ତି ଲିଭର କ୍ୟାନସର ଯୋଗୁଁ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନସରର ସ୍ଥାନ ଷଷ୍ଠରେ ରହିଛି। ମହିଳା ମାନଙ୍କ ଅପେକ୍ଷା ପୁରୁଷ ମାନଙ୍କ ଭିତରେ ଏହି କ୍ୟାନସରର ପ୍ରାଦୁର୍ଭାବ ବେଶୀ। ପୁରୁଷ ମାନଙ୍କ ଭିତରେ ଏହା ପଞ୍ଚମ ସ୍ଥାନରେ ଓ ମହିଳା ମାନଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସ୍‌ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍ ବି ୮୦ ପ୍ରତିଶତ ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫ ପ୍ରତିଶତ ହେଉଛି ଲିଭର କ୍ୟାନସରର ମୁଖ୍ୟ କାରଣ। ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କର ଶରୀରରୁ ଅନ୍ୟ ଜଣଙ୍କର ଶରୀରକୁ ପ୍ରବେଶ କରିଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନସର ରୋଗରେ ମଧ୍ୟ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମ୍ରପାନ ସେବନ, ଡାଇବେଟିସ୍ ଓ ଆଫ୍‌ଲା ଟକ୍ସିନ୍ ସେବନ ମାଧ୍ୟମରେ ଏହି ଲିଭର କ୍ୟାନସର ହୋଇଥାଏ। ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହ କଣା ଜମିବା, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତି ମାନଙ୍କୁ ମଧ୍ୟ ଏହି କ୍ୟାନସର ରୋଗ ହୁଏ। ଏହି କାରଣ ଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ୍ର ସେବନ, ଚର୍ବି ଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନସରରେ ଆକ୍ରାନ୍ତ ହୁଏ। ଭାରତରେ ହେପାଟାଇଟିସ୍ ବି ସାଧାରଣଃ ଦୁଇରୁ ସାତ ପ୍ରତିଶତ ଜନସାଧାରଣଙ୍କ ଭିତରେ ଦେଖାଯାଏ। ହେପାଟାଇଟିସ୍ ବିରେ ସଂକ୍ରମିତ ଚାରିଜଣଙ୍କ ମଧ୍ୟରୁ ଜଣଙ୍କର ଲିଭର କ୍ୟାନସରରେ ମୃତ୍ୟୁ ସମ୍ଭାବନା ରହିଛି।

ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ଅଛନ୍ତି। ଏମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଦେଖାଗଲେ ମଧ୍ୟ ପରବର୍ତ୍ତୀ କାଳରେ (୧୦-୧୫ବର୍ଷ ପରେ) ଏମାନେ ଲିଭର ସିରୋସିସ୍ ଓ ଲିଭର କର୍କଟ ରୋଗରେ ଆକ୍ରାନ୍ତ ହୁଅନ୍ତି। ହେପାଟାଇଟିସ୍ ବି ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟ ରୋଗରେ ୯୦-୯୫% ବ୍ୟକ୍ତି ଛଅ ମାସରୁ ଏକ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ନ୍ତି। ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକରଣ ହେଉଛି ଆମ୍ଭମାନଙ୍କ ସମ୍ମୁଖରେ ଏକ ବଡ଼ ଆହ୍ୱାନ। ଆମ୍ଭେମାନେ ଯଦି ହେପାଟାଇଟିସ୍ ବି କୁ ଟୀକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତାହାହେଲେ ଲିଭର କ୍ୟାନସରର ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ସେବନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ମଧ୍ୟ ନିରାକରଣ କରାଯାଇ ପାରିବ। ବ୍ଲଡବ୍ୟାଙ୍କରେ ହେପାଟାଇଟିସ୍ ବି ଓ ସି ସ୍କ୍ରିନିଂ ମାଧ୍ୟମରେ ହେପାଟାଇଟିସ୍ ବି ଓ ସିକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଡାଏବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ବହୁକାଂଶରେ ନିୟନ୍ତ୍ରଣ ସାପେକ୍ଷ। ଆଫ୍‌ଲାଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନସର ବ୍ୟାପେ, ତାହାକୁ ମଧ୍ୟ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣ ମାନଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନସର ଭଳି ଏକ ମାରାତ୍ମକ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ।

ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

# ସରସ୍ୱତୀ ଶିଶୁମନ୍ଦିର ରେ ଅନୁଷ୍ଠିତ ହେଲା ପ୍ରତିଷ୍ଠା ଦିବସ

ଅସ୍ତରଙ୍ଗ,ମହାଭାରତ -ଅସ୍ତରଙ୍ଗ ବ୍ଲକ ହୀରାଦେଇପୁର ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ରେ ଆଜି ଶିଶୁଦିବସ ସହିତ ବିଦ୍ୟାଳୟ ର ୨୮ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ଆଜି ଗୋଟେ ଦିନ ର ପବିତ୍ର କାର୍ତ୍ତିକ ମାସ ବଡ଼ଓଷା ସହିତ ଚାଚା ନେହୁରୁ ଙ୍କର ଜନ୍ମଦିନ ପାଳିତ ହୋଇଛି। ୧୮୮୯ ମସିହା ନଭେମ୍ବର ୧୪ ତାରିଖ ର ଆଲ୍‌ହାବାଦ ସହର ରେ ସ୍ୱାଧୀନ ଭାରତ ର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବହାରଲାଲ ନେହୁର ଜନ୍ମଗ୍ରହଣ କରିଥିଲେ। ତାଙ୍କରି ଆହ୍ୱାନ ରେ ତାଙ୍କ ଜନ୍ମଦିନ କୁ ଶିଶୁ ମାନଙ୍କ ଉଦ୍ଦେଶ୍ୟ ରେ ଅର୍ଥାତ ବର୍ଷକୁ ଗୋଟେ ଦିନ ଶିଶୁ ଙ୍କ ପ୍ରତିଭା ଅନୁସନ୍ଧାନ ପାଇଁ କରିବାକୁ ଦେଇଥିବା ପରାମର୍ଶ ଉଦ୍ଦେଶ୍ୟ ରେ ଏହି ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏହା ସହ ଆଜିର ପବିତ୍ର ଦିନ ରେ ବିଦ୍ୟାଳୟ ର ପ୍ରତିଷ୍ଠା ଉତ୍ସବ କରାଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ରେ ମୁଖ୍ୟ ଅତୀଥି ଭାବେ ସଭାପତି ସୁରେନ୍ଦ୍ର ନାଥ ସ୍ୱାଇଁ, ପରିଚାଳନା କମିଟି ସଭାପତି ରମାନାଥ ପରିଡା, ସମ୍ପାଦକ ବିଜୟ ଭଞ୍ଜ, ଉପସଭାପତି ବିପିନ ମହାନ୍ତି, କୋଷାଧକ୍ଷ ଅଭିମନ୍ୟୁ ନାୟକ ଉପସ୍ଥିତ ରହିଥିବା ବେଳେ ସହକାରୀ ପ୍ରଧାନଆଚାର୍ଯ୍ୟା ଗୀତାଞ୍ଜଳି ମହାନ୍ତି ଉତ୍ସବ ରେ ସଭାପତିତ୍ୱ କରିଛନ୍ତି, ମ□ପରିଚାଳନା ଆଚାର୍ଯ୍ୟ ଦିବାକର ପ୍ରଧାନ କରିଥିବା ବେଳେ ଅନ୍ୟ ମାନଙ୍କ ଭିତରେ ମମତା ଶତପଥୀ, ମିନତୀ ତ୍ରିପାଠୀ ସହଯୋଗ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ରାଷ୍ଟ୍ରୀୟ ସଂଗୀତ ଗାନ, କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ ଦିଆଯାଇ ପରିଶେଷରେ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ କରାଯାଇ ଧନ୍ୟବାଦ ଜ୍ଞାପନ କରାଯାଇଛି ।

# ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଶିଶୁ ଦିବସ ପାଳନ




ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସଅରାପଶି ଆବାସିକ ଶିଶୁ ବିଦ୍ୟାମନ୍ଦିର ରେ ଶିଶୁ ଦିବସ ପାଳନ କରଯାଇ ଛି । ଏହି ପେରିପେକ୍ଷି ବିଦ୍ୟାମନ୍ଦିରରେ ଏକ ସଭା କାର୍ଯ୍ୟ ଆୟୋଜନ ହୋଇଥିଲା । ସଭା କାର୍ଯ୍ୟ କୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟା କଳ୍ପନା ମହାନ୍ତ ଙ୍କ ସଂଯୋଜନା ଅନୁଷ୍ଠିତ ହୋଇଥିବା ବେଳେ ସଭା କାର୍ଯ୍ୟ କୁ ବିଦ୍ୟାମନ୍ଦିର ର ପ୍ରତିଷ୍ଠା ଦାତା ରଇଦାସ ମହାନ୍ତ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରରେ ପ୍ରାପ୍ତ ଏବିଓ ଭରତ ଚନ୍ଦ୍ର ସାହୁ ଯୋଗଦାନ କରି ଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ଲାଲ ନେହେରୁ ଙ୍କ ଫୋଟ ଉପରେ ଧୂପ,ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ଥିଲା। ପଣ୍ଡିତ ଜବାହାର ଲାଲ ନେହେରୁ ଙ୍କ ଜୀବନୀ ଠୁ ପ୍ରଧାନମନ୍ତ୍ରୀ ଦେବା ସହିତ ଛୋଟ ଛୋଟ ପିଲା ମାନ ଙ୍କ ପ୍ରତି ତାଙ୍କର ଭଲ ପାଇବା ଅଭିଭାଷଣ ରଖି ଥିଲେ । ଶିଶୁ ଦିବସ ସଭା ରେ ଉପସ୍ଥିତ ଅତିଥି ମାନ ଙ୍କୁ ଗୁରୁମା ବିଶ୍ୱ କଲ୍ୟାଣି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିଶୁ ଦିବସରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସଭା ରେ ଉପସ୍ଥିତ ଥିବା ବେଳେ କୁ ଗୁରୁମା ଲକ୍ଷ୍ମୀକାନ୍ତି ବେହେରା,ଇସ୍ପାରାଣୀ ମହାନ୍ତ,ରୀନା ନାଏକ,ବୀକ୍ତିମୟୀ ନାଏକ,ବାସନ୍ତୀ ବିରୁଆ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

# ସେଣ୍ଟ, ଜାଭିୟର୍ସ ହାଇସ୍କୁଲରେ ଶିଶୁଦିବସ ପାଳିତୟ ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ

ହାଟଡିହ(ମହାଭାରତ): ହାଟଡିହି ଚଣ୍ଡିଆବିରଞ୍ଚିପୁର ସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲରେ ଶିଶୁଦିବସ ମହାସମାରୋହରେ ପାଳନ କରାଯାଇଅଛି । ଉକ୍ତ ଦିବସରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ପାତ୍ର, ବିଶ୍ ତାରିଣୀ ମହିଳା ମହିଳା ବିଦ୍ୟାଳୟ, ଅର୍ଥନୀତି ବିଭାଗର ପ୍ରଫେସର, ସମ୍ମାନୀତ ଅତିଥି ନରେନ୍ଦ୍ର ନାଥ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଶ୍ରୀଯୁକ୍ତ ନରେନ୍ଦ୍ର ନାଥ କର, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ପଳତା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଗୋପବନ୍ଧୁ ସୁଆର ଏବଂ ବିଦ୍ୟାଳୟର ପରିଚାଳକ ତଥା ସଂପାଦକ ଶ୍ରୀଯୁକ୍ତ ଇଂ ଉଦୟନାଥ କର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ ତଥା ଆମ ପ୍ରିୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ ନେହେରୁ ଏବଂ ଓଡିଆମାନଙ୍କ ଆରାଧ ଦେବତା ଶ୍ରୀଜଗନ୍ନାଥଙ୍କୁ ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମଟିର ଶୁଭାରମ୍ଭ କରାଯାଇଥିଲା ୟ ଉପସ୍ଥିତ ଅତିଥି, ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଗହଣରେ କୁନିକୁନି ପିଲାମାନଙ୍କଦ୍ୱାରା କୌତୁକ ବସ୍ତ୍ରପରିଧାନର ପ୍ରତିଯୋଗିତା ପରିବେଷଣ କରାଯାଇଥିଲା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଚ ଶ୍ରେଣୀର ପିଲାମାନଙ୍କର ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ମାନେ ଗୁରୁଶିଷ୍ୟମାନଙ୍କ ମଧ୍ୟରେ ସମ୍ପର୍କ, ଶିଶୁମାନଙ୍କପ୍ରତି ଗୁରୁମାନଙ୍କର ନିଷ୍ଠାପର କର୍ତ୍ତବ୍ୟ ପରାୟଣତା, ସଂଯମତା ଓ ଶୃଙ୍ଖଳା ଆଦି ବିଷୟରେ ବିଶେଷ ଜ୍ଞାନ ପ୍ରଦାନ କରିଥିଲେ ।ପୁନଶ୍ଚ ମୁଖ୍ୟ ଅତିଥି ବାଇଡଙ୍କ ବାବା ଶ୍ରୀଯୁକ୍ତ ପାତ୍ରଙ୍କ ଦ୍ୱାରା ହାସ୍ୟାତ୍ମକ କଥନ ଓ କବିତା ପଠନ ପରିବେଷିତ ହୋଇଥିଲା । ଏଥିରେ ଉପସ୍ଥିତ ଥିବା ସମସ୍ତ ଅତିଥି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅତ୍ୟନ୍ତ ଉତ୍ଫୁଲ୍ଲିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉପହାର ଓ ପ୍ରମାଣପତ୍ର ମୁଖ୍ୟଅତିଥି ଓ ଉପସ୍ଥିତ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସଭାଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଗୋଲକ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ୟ ଉକ୍ତ ଦିବସଟିକୁ ଅତ୍ୟନ୍ତ ଜୀବନ୍ତ ଓ ପରିପୁଷ୍ଟକରିବାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସଞ୍ଜୀୟ ମଜୁମ୍‌ଦାର ଓ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯଥା ଶୁଭଶ୍ରୀ ପଣ୍ଡା, ତନୁଶ୍ରୀ ତନୟା ପହି, କାବେରୀ ନାୟକ, ଭାଗ୍ୟଶ୍ରୀ ସାହୁ, ପ୍ରୀତିନନ୍ଦା ମଲ୍ଲିକ, ରଶ୍ମିପ୍ରଭା ଖଟୁଆ, ପୂଜା ରଣା, ଉର୍ମି ମହାନ୍ତି, ବିଷ୍ଣୁପ୍ରିୟା ଦାଶ, ବିଜୟ କୁମାର ପହି, ଦେବେନ୍ଦ୍ରନାଥ ପାଢୀ, ଦୟାନିଧି ଚିନରା, ପ୍ରଶାନ୍ତ କୁମାର ଦାସ, ବିଶ୍‌ଭାରତୀ ମିଶ୍ର, ହିମାଂଶୁ ରଞ୍ଜନ ବାରିକ୍, ସଂଗ୍ରାମ କେଶରୀ ପଟ୍ଟନାୟକ, ଦେବାଶିଷ ରାଉତ, ବ୍ରହ୍ମାନନ୍ଦ ମଲ୍ଲିକ, ଚନ୍ଦ୍ରଶେଖର ବାରିକ୍‌ଙ୍କ ଏବଂ ମଞ୍ଜୁଲତା ଖୁଣ୍ଟିଆ, ଉର୍ମିଳା ସେଠୀଙ୍କ ସହଯୋଗ ଓ ଭୂମିକା ଅତ୍ୟନ୍ତ ଉଲ୍ଲେଖନୀୟ। ଶେଷରେ କୁନି ପିଲା ମାନଙ୍କୁ ନେଇ ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲେ। ଯାହାକି ପିଲା ମାନଙ୍କୁ ବେଶ୍ ଶିକ୍ଷଣୀୟ କଥା ସହ ମଜା ଦେଇଥିଲା।

# ସମେଇ ଗୁଡା ଡବଲ ମର୍ଡର ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଆସିକା (ମହାଭାରତ)ଗତକାଲି ଜଙ୍ଗଲ ଜମିକୁ ନେଇ ଆସିକା ଥାନା ଅନ୍ତର୍ଗତ ସମେଇ ଗୁଡା ଗ୍ରାମରେ ଭାଇ ଓ ଭାଉଜଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତ ସାନଭାଇ ଭୋବିନି ପାତ୍ର ବୟସ-୫୫ ସ୍ତ୍ରୀ ରଞ୍ଜିତା ପାତ୍ର (୪୫)ତାର ପୁଅ ପପୁନ ପାତ୍ର(୨୬)ଙ୍କୁ ଆଜି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ହତ୍ୟାକାଣ୍ଡ ଘଟଣାରେ ଆଜି ଆସିକା ଥାନାରେ ଉପଖଣ୍ଡ ପୋଲିସ ଅଧିକାରୀ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣା ପ୍ରକାଶ କରିଛନ୍ତ। ସମେଇ ଗୁଡା ଗ୍ରାମରେ ରାଜୁ ପାତ୍ର ବଡ ଭାଇଙ୍କ ସହ ସାନଭାଇ ଭୋବିନି ପାତ୍ରଙ୍କ ମଧ୍ୟରେ କଳପଦର ଜଙ୍ଗଲ ଜମିକୁ ନେଇ ବିବାଦ ଲାଗି ରହିଥିଲା। ଭୋବିନି ପାତ୍ର ତାଙ୍କ ସ୍ତ୍ରୀ ରଞ୍ଜିତା ପାତ୍ର ପୁଅ ପପୁନୁ ପାତ୍ର ମିଶି ସବୁଦିନ ପାଇଁ ବଡଭାଇ ରାଜୁଙ୍କୁ ହତ୍ୟା ପାଇଁ ଏକ ଯୋଜନା କରିଥିଲେୟ ପ୍ରତିଦିନ ଭଳି ରାଜୁ ପାତ୍ର ତାର ସ୍ତ୍ରୀ ମଳା ପାତ୍ରଙ୍କୁ ଧରି ଗତକାଲି ସକାଳ କଳପନ୍ଦରଜମିକୁ ପନିପରିବା ଫସଲ ପାଇଁ କାମ କରିବା ପାଇଁ ଯାଇଥିଲେ। ଏତିକି ବେଳେ ପୂର୍ବ ଯୋଜନା ଅନୁଯାଇ ସକାଳ ପ୍ରାୟ ୭ ଟା ବେଳେ ହଠାତ୍ ଭାଇ ଭୋବିନି ଓ ତା ପୁଅ ପପୁନ ମିଶି ଏକ ଧାରୁଆ କାତିରେ ରାଜୁର ଗଳା କାଟି ଦେଇଥିଲେ। ଏତିକି ବେଳେ ନିକଟରେ ଥିବା ରାଜୁର ସ୍ତ୍ରୀ ମଳା ମୋର



ସ୍ୱାମୀ ଙ୍କୁ ଭୋବିନି ମାରିଦେଲା ପାଟି କରିବାରୁ କାଳେ ଏହି ହତ୍ୟା ଘଟଣା ପ୍ରଘଟ ହୋଇଯିବ ଭାବି ଭୋବିନି ପାତ୍ର ତାର ପୁଅ ପପୁନି ପାତ୍ରଓ ସ୍ତ୍ରୀ ରଞ୍ଜିତା ପାତ୍ର ମିଶି ବିଲ ନିକଟରେ ପୂର୍ବରୁ ଲୁଚାଇ ରଖିଥିବା ମାରାତ୍ମକ କିଟ ନାଶକ ଔଷଧ ଜବରଦସ୍ତ ମଳାକୁ ପିଆଇ ଦେଇଥିଲେୟ ଏତିକି ବେଳେ ନିକଟ ବିଲରେ ଥିବା କିଛି ଗାଁ ଲୋକ ଆସିବାରୁ ଏହି ହତ୍ୟା କାଣ୍ଡ ଜଣାପଡିଥିଲ। ଉକ୍ତ ଘଟଣା ବିରୁଦ୍ଧରେ ହତ୍ୟାର ଶିକାର ହୋଇଥିବା ରାଜୁର ପୁଅ ସନ୍ତୋଷ ଆସିକା ଥାନାରେ ଲିଖିତ ଅଭିଯୋଗ ଦେଇଥିଲେୟ ପୋଲିସ ପକ୍ଷରୁ ଥାନା କେସ ନମ୍ବର ୭୩୮/୨୪୨୯୬/ ୧୧୫(୨)/୭୪/୧୦୩(୧)/ ୩୫୧(୩)/୩(୫)ବି ଏନ ଏସ ୨୫(୧)(ଏ ) ପ୍ରକାରେ ମାମଲା ରୁଜୁ କରି ଆସାମୀ ଭୋବିନି ପାତ୍ର, ସ୍ତ୍ରୀ ରଞ୍ଜିତା ପାତ୍ର ଓ ପୁଅ ପପୁନ ପାତ୍ର କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଏକ ଧାରୁଆ ଖଣ୍ଡା କାତି ସାଙ୍ଗକୁ ହତ୍ୟାରେ ବ୍ୟବହୃତ କୀଟନାଶକ ବୋତଲ ପୋଲିସ ଜବତ କରିଥିଲାୟ ଗତକାଲି ଭୋବିନି ଓ ତାର ସ୍ତ୍ରୀ ରଞ୍ଜିତାକୁ ପୋଲିସ ଗାଁ ସମେଇଗୁଡ଼ାରୁ ଗିରଫ କରିଥିଲା ବେଳେ ପୁଅ ପପୁନ କୁ ବଡ଼ଗଡ଼ ଥାନା ଏକଲପୁର ରୁ ପୋଲିସ ଗିରଫ କରିଛ। ଆଜିର ଏହି ପ୍ରେସ ବିଜ୍ଞପ୍ତି ରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, କୋଟିନଡା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା ଓ ମାମଲା ର ତଦନ୍ତ କାରି ଅଧିକାରୀ ସବ ଇନ୍ସପେକ୍ଟର ଅଜିତ କୁମାର ପରିଡା ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର-୨୦୨୪

ଜୟପୁର(ମହାଭାରତ): ଜୟପୁର ପୌରପାଳିକାର ସମ୍ମିଳନୀ କକ୍ଷରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର-୨୦୨୪, ପୌରପାଳିକା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭିନ୍ନକ୍ଷମ, ବିଧବା, ଭିକ୍ଷୁକ, କିନ୍ନର, କୃଷ୍ଠରୋଗୀ ଏବଂ ବରିଷ୍ଠ ନାଗରିକମାନଙ୍କୁ ଶିବିର ଦ୍ୱାରା ଚିହ୍ନଟିକରଣ କରି ସେମାନଙ୍କୁ ବିଭିନ୍ନ ପ୍ରକାର ସରକାରୀ ଯୋଜନାରେ ସାମିଲ କରିବା ସହିତ ବିଭିନ୍ନ ପ୍ରକାର ସହାୟକ ଉପକରଣ ଯଥା, ହ୍ୱିଲ ଚେୟାର, ଟ୍ରାଇ ସାଇକେଲ, ଆଶାବାଡି, କୃତ୍ରିମ ଅଙ୍ଗ ଏବଂ ସର୍ବପରି ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିବା । ଏହି ବୈଠକରେ ଶ୍ରୀ ନରେନ୍ଦ୍ର କୁମାର ମହାନ୍ତି, ଅଧକ୍ଷ, ପୌରପାଳିକା, ଜୟପୁର ସଭାର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଶ୍ରୀମତୀ ବି. ସୁନିତା, ଉପାଧକ୍ଷ ଏବଂ ଶ୍ରୀ କୃତିବାସ ସାହୁ, ଅତିରିକ୍ତ କାର୍ଯ୍ୟାନିର୍ବାହୀ ଅଧିକାରୀ, ପୌରପାଳିକା, ଜୟପୁର ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ । ତ୍ ସହିତ ଜୟପୁର ଦିବ୍ୟାଙ୍ଗ ସଂଘର ସଭାପତି ଶ୍ରୀ ପୁରୁଷତ୍ତମ ବଳ, ଜୟପୁର ପୌରପାଳିକାର ସମସ୍ତ ୱାଡର ପାରିଷଦ, ସ୍ୱଚ୍ଛ ସାଥି, ପର୍ଯ୍ୟବେକ୍ଷକ, ସିଡିପିଓ, ଜୟପୁର, ବ୍ଲକ ଶିକ୍ଷା ଅଧିକାରୀ, ଜୟପୁର, ପରିବହନ ବିଭାଗ, ଜୟପୁର, ତହସିଲ କାର୍ଯ୍ୟାଳୟ, ଜୟପୁର, ଏକତା ସଂସ୍ଥା, କୋରାପୁଟ, ଶୋଭା ସଂସ୍ଥା, କୋରାପୁଟର ସଦସ୍ୟମାନେ ଯୋଗଦାନ କରିଥିଲେ ଏବଂ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର - ୨୦୨୪କୁ ଆସନ୍ତା ୨୨.୧୧.୨୦୨୪ରିଖ ଦିନ ଟାଉନ ହୋଲ, ଜୟପୁରରେ ହେବାକୁ ଯାଉଥିବା ଶିବିରକୁ ସଫଳ ରୂପାୟନ କରିବା ସହିତା ସମସ୍ତ ଭିନ୍ନକ୍ଷମଙ୍କ ପାଖକୁ ବାର୍ତ୍ତା ପହଞ୍ଚାଇବା ସହିତ ଏହି ଶିବିରରେ ଉପସ୍ଥିତ କରିବାକୁ ସବିଶେଷ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶ୍ରୀ ଗୋପାଳ ଚନ୍ଦ୍ର ସାହୁ, କ୍ଷିପ୍ର ଲେଖକ, ଶ୍ରୀମତୀ ଚପଳା ମିଶ୍ର, ବିଭାଗ ଅଧିକାରୀ ଏବଂ ଶ୍ରୀ ଜଗନ୍ନାଥ ନାୟକ, କନିଷ୍ଠ ସହାୟକ ଏବଂ ପୌରପରିଷଦର ସମସ୍ତ କର୍ମକର୍ତ୍ତାଙ୍କ ସହାୟତାରେ ଅନୁଷ୍ଠିତ ହୋଇଥିଲା ।

# ଶାଳ କାଠ ଗଣ୍ଡି ବୋଝେଇ ପିକଅପ ଭ୍ୟାନ ଜବତ

କରଞ୍ଜିଆ, (ମହାଭାରତ) କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଞ୍ଚଳ ରୁ ଗୁରୁବାର ବିଳମ୍ବିତ ରାତିରେ ବନ ବିଭାଗ ଗୋଟିଏ ଚୋରା ଶାଳ କାଠ ଗଣ୍ଡି ବୋଝେଇ ପିକ ଅପ ଭ୍ୟାନ କୁ ଜବତ କରିଛି।ଘଟଣା ରେ ସଂପୃକ୍ତ ବ୍ୟକ୍ତି ମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। କୌଣସି ସୂତ୍ରରୁ ଖବର ପାଇ ସାତକୋଶିଆ ରେଞ୍ଜ ଅଧିକାରୀ ଙ୍କ ନେତୃତ୍ୱରେ ବନ କର୍ମଚାରୀ ମାନେ ଠାକୁରମୁଣ୍ଡା - ଆନନ୍ଦପୁର ରାସ୍ତାରେ ଥିବା ସାତକୋଶିଆ ବନ୍ୟ ପ୍ରାଣୀ କାର୍ଯ୍ୟାଳୟ ସମ୍ମୁଖରେ ଜଗି ରହିଥିଲେ। ରାତି ପ୍ରାୟ ୩ ଟା ସମୟରେ ଠାକୁରମୁଣ୍ଡା ପଟୁ ଏକ ପିକ ଅପ ଭ୍ୟାନ ନମ୍ବର ଓଡ଼ି ୨୨ ୟୁଆଇ ୪୧୦୩ ଯୋଗେ ୮ ଖଣ୍ଡ ଶାଳ ଗଣ୍ଡି ବୋଝେଇ ହୋଇ ତାକୁ ତାରପିଲିନ ଢାଙ୍କି ଆନନ୍ଦପୁର ଆଡକୁ ଚାଲାଣ ହେଉଥିବା ବେଳେ ରାସ୍ତା ରେ ଜଗି ରହିଥିବା ବନ କର୍ମଚାରୀ ମାନେ



ଭ୍ୟାନ କୁ ଜବତ କରିଥିଲେୟବନ କର୍ମଚାରୀ ମାନଙ୍କୁ ଦେଖି ଘଟଣାସ୍ଥଳ ରୁ ଅନ୍ଧାର ର ସୁଯୋଗ ନେଇ ଭ୍ୟାନ ଡ୍ରାଇଭର ସମେତ ଚରା ଚାଲାଣ କାରୀ ମାନେ ଫେରାର ହୋଇଯାଇଥିଲେ। ବନ ବିଭାଗ ଚୋରା କାଠ ଜବତ କରି ଘଟଣା ର ତଦନ୍ତ କରୁଛି।

# ବେଗୁନିଆରେ ବିଭିନ୍ନ ସ୍ଥାନରେ ଶିଶୁ ଉତ୍ସବ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅତ୍ରି ସ୍ଥିତ ଏକାଦଶ ରୁଦ୍ର ତଥା ବାବା ଶ୍ରୀ ଶ୍ରୀ ହଟ୍ଟକେଶ୍ୱର ଦେବଙ୍କ ପୀଠରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଶିଶୁ କଲ୍ୟାଣ ପାଣ୍ଠି ପକ୍ଷରୁ ଶିଶୁ ଦିବସ ପାଳନ ହୋଇଛି। ଏଥିରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଉପସଭାପତି ମାନସ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବିଭୂତି ଭୂଷଣ ମହାପାତ୍ର ମୁଖ୍ୟବକ୍ତା, ବିଷ୍ଣୁ ପ୍ରସାଦ ମିଶ୍ର, ଖୋର୍ଦ୍ଧା ବଜାର ଶାଖାର ଷ୍ଟେଟ ବ୍ୟାଙ୍କ ପରିଚାଳକ ବିମଳ ରାମ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ,ଏମପିଜେ +୨ ବିଜ୍ଞାନ ମହାବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ସଂଗ୍ରାମ ମହାପାତ୍ର, ଅବସରପ୍ରାପ୍ତ ଏବିଇଓ ଦାଶରଥି ପ୍ରଧାନ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଜିଲ୍ଲା ସଭାପତି ନବ କିଶୋର ସାହୁ ଓ ଶିକ୍ଷକ ଉମାକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୋମଳମତି ଶିଶୁର ଶିକ୍ଷାଦାନ କ୍ଷେତ୍ରରେ ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିବା ଶିକ୍ଷକ ସମାଜର ମୁଖ୍ୟ ଲକ୍ଷ୍ୟ ବୋଲି ମତ ପ୍ରକାଶ କରିଥିଲେ ।ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ସଂଯୋଜନା କରିଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ବାର୍ଷିକ ବିବରଣୀ ପଠନ ଓ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ।ନୂତନ ଭାବେ ନିଯୁକ୍ତ ହୋଇଥିବା କନିଷ୍ଠ ୬୧ ଜଣ ଓ ସ୍ଥାନାନ୍ତର ହୋଇଥିବା ୭ ଜଣ ସହକାରୀ ଶିକ୍ଷକଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ସଭାର ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଶୁଭ ଲକ୍ଷ୍ମୀ ଷଡ଼ଙ୍ଗୀ,ଝୁନୁବାଳା ପୃଷ୍ଟି,ସୁଜାତା ସାହୁ ଓ ସସ୍ମିତା ସେନାପତି ପ୍ରମୁଖ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉ□ରୀୟ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଖୋର୍ଦ୍ଧା ବଜାର ଶାଖା ତରଫରୁ ଗତ ବର୍ଷ ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିବା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷଣ ଉପକରଣ ପ୍ରଦାନ କରାଯାଇଥିଲା। ସେହିପରି ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସ୍ଥିତ ଭାରତୀୟ ବିଦ୍ୟା ନିକେତନ ପକ୍ଷରୁ ଶିଶୁ ଦିବସ ପାଳନ ଅବସରରେ ଶିଶୁ ବାଟିକା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଦେବାଦେବୀଙ୍କ ଫଟୋଚିତ୍ର ପ୍ରଦର୍ଶନ, କନିଷ୍ଠ ଓ ବରିଷ୍ଠ ବିଭାଗର ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତାର ମୋଟ ୮୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

# ୩୨ତମ କୁମାରସ୍ୱାମୀ ମହୋତ୍ସବ ଉଦଘାଟିତ
# ଦେବଗିରିରେ ଚାଲିଲା ଗୋସିଙ୍ଗ ଦୈତ୍ୟଙ୍କ ରାଜୁତି



କୋକସରା,(ମହାଭାରତ) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ଠାରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଉଦଘାଟିତ ହୋଇଯାଇଛ। ଏହାସହ ଆରମ୍ଭ ହୋଇଛି ଗୋସିଙ୍ଗ ଦୈତ୍ୟ ଦରବାର। ବଲାଙ୍ଗୀର ଜିଲ୍ଲା ବିଜେପୁରର ସମାଜସେବୀ ଭେଷମତି ବଗର୍ତ୍ତୀ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡ଼ାମାଝୀଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ରାଜ ଅତିଥି ଭାବେ ଯୁବ ଉଦ୍ୟୋଗପତି ସୁମିତ କୁମାର ଅଗ୍ରୱାଲ, ସମାଜସେବୀ ରତନ କୁମାର ଅଗ୍ରୱାଲ, ଶିକ୍ଷାବିତ ଗୁଣନିଧି ଧଙ୍ଗଡାମାଝୀ, ସାମ୍ବାଦିକ ଅଲତାଫ ଅଲ୍ଲୀ ଖାଁଙ୍କ ସମେତ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ, କୋଷାଧକ୍ଷ ଜୟଦ୍ରଥ ଜାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅଶ୍ୱିନୀ କୁମାର ଭୋଇଙ୍କୁ 'ଦେବଗିରି ସମାଜସେବା ସମ୍ମାନ', ତେଜନ ଦୁର୍ଗାଙ୍କୁ 'ଦେବଗିରି କ୍ରୀଡ଼ା ସମ୍ମାନ', ଲୋକନାଥ ସାଙ୍କୁ 'ଦେବଗିରି ଲୋକକଳା ସମ୍ମାନ', ସୁଶାନ୍ତ ମିଶ୍ରଙ୍କୁ 'ଦେବଗିରି କଳା ସମ୍ମାନ', ସାମ୍ବାଦିକ ଦୀପକ ଠାକୁର, ତ୍ରିଲୋଚନ ଗଉଡ ଓ ହିରଣ୍ୟ ବେହେରାଙ୍କୁ 'ଦେବଗିରି ବାର୍ତ୍ତା ସମ୍ମାନ' ପ୍ରଦାନ କରାଯାଇଥିଲା। ଦେବଗିରି ବୁଢ଼ୀପଦରରେ ଚାଲିଛି ସମ୍ରାଟ ଗୋସିଙ୍ଗ ଦୈତ୍ୟଙ୍କ ରାଜୁତିୟ ଗୋସିଙ୍ଗ ଦୈତ୍ୟ ଦରବାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ରଙ୍ଗୀନ ହୋଇ ଉଠୁଛି। ବିଶିଷ୍ଟ କଳାକାର ବିଜୟ କୁମାର ଧଙ୍ଗଡ଼ାମାଝୀ ଗୋସିଙ୍ଗ ଦୈତ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ପ୍ରଥମ ରଜନୀରେ ପାରମ୍ପରିକ ଗଣା ବଜା, ଘଣ୍ଟ ବାଦ୍ୟ, ମା' ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନ ଶାନ୍ତପୁରର ସାମାଜିକ ନାଟକ 'କଙ୍କାଳ ଖେଳିବ ରକ୍ତର ହୋରି' ପରିବେଷିତ ହୋଇଥିଲାୟ କେନ୍ଦ୍ର ସାହିତ୍ୟ ଏକାଦେମୀ ଯୁବ ପୁରସ୍କାରପ୍ରାପ୍ତ ଲେଖକ ଡିଲେଶ୍ୱର ରଣା ମଞ୍ଚ ସଂଚାଳନ କରିଥିବାବେଳେ ଅନୁଷ୍ଠାନର ଯୁଗ୍ମ ସଂପାଦକ ସୁଧୀର କୁମାର ଧଙ୍ଗଡ଼ାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବ ତିନି ଦିନ ଧରି ଚାଲିବ ବୋଲି ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତି।

# କଳାହାଣ୍ଡି ଜିଲ୍ଲାରେ ଶିକ୍ଷାଗ୍ରହ ପ୍ରକଳ୍ପର ଆରମ୍ଭ

କଳାହାଣ୍ଡି /ମହାଭାରତ : ଜିଲ୍ଲା ଯୋଜନା ଓ ମନିଟରିଙ୍ଗ ବିଭାଗ ତରଫରୁ ଶିକ୍ଷା ସମ୍ବାଦ ଓ ଷ୍ଟେମ୍ ଶିକ୍ଷା କୁ ଶକ୍ତିଶାଳୀ କରିବା ପାଇଁ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଜିଲ୍ଲା ଯୋଜନା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଓଡିଶା ରାଇଜିଙ୍ଗ ଫାଉଣ୍ଡେସନ ଏବଂ କଳାହାଣ୍ଡି ଜିଲ୍ଲା ଯୋଜନା ଓ ମନିଟରିଂ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡ଼ା. କୁମୁଦିନୀ ମିଶ୍ର, ମନିଟରିଂ, ପ୍ଲାନିଙ୍ଗ ଏବଂ ଲର୍ଣ୍ଣିଂ ଏକ୍ସପର୍ଟ, ସ୍ୱାଗତ ଭାଷଣ ସହିତ,କର୍ମଶାଳା ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଷ୍ଟେମ ଶିକ୍ଷାର ଗୁରୁତ୍ୱକୁ ସମ୍ପର୍କରେ ଆଲୋଚନା କରିଥିଲେୟ ଓଡିଶା ରାଇଜିଙ୍ଗ ଫାଉଣ୍ଡେସନର ସାଗରିକା, ସିନିଅର ପ୍ରୋଗ୍ରାମ ମ୍ୟାନେଜର, କିନୋଟ ଭାଷଣ ଦେଇ ଶିକ୍ଷାର ଲାଭକୁ ଉପସ୍ଥାପନ କରିଥିଲେ ଏବଂ ଶିକ୍ଷାଗୃହ ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟଗୁଡ଼ିକ ବିଷୟରେ ଅବଗତ କରାଇଥିଲେ ।ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଏହି ପ୍ରକଳ୍ପ ର ଶୁଭାରମ୍ଭ କରି ଜିଲ୍ଲା ପ୍ରଶାସନ ର ସମର୍ଥନକୁ ଉପସ୍ଥାପନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ମହନ ସାହୁ, ଏଡିଏଓ, ଷ୍ଟେମ ଶିକ୍ଷାର ଅଭିନବ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ, ଶ୍ରୀକାନ୍ତ ଦଳେଇ, ଡିପିଏମୟୁ ଉପନିର୍ଦ୍ଦେଶକ (ପ୍ଲାନିଂ ଏବଂ ଷ୍ଟାଟିସ୍ଟିକ୍ସ) ଏବଂ ଏଡିଓ ମିଶିତ ଶିକ୍ଷାରେ ସରକାରୀ ଭୂମିକା ବିଷୟରେ ଆଲୋଚନା କରିଥିଲେୟ କାର୍ଯ୍ୟକ୍ରମର ଶେଷରେ, ଓଡିଶା ରାଇଜିଙ୍ଗର ଆଦିତ୍ୟ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଫାଟିଲା ଆର ଡବ୍ଲ୍ୟୁ ଏସ୍‌ର ପାଣି ପାଇପ୍
# ରାତି ଅଧରେ ବୁଡିଗଲା ଲୋକଙ୍କ ଘର ଦ୍ୱାର

ଯୋଡା- (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ହନୁମାନ ହାଟିଂ ରେ, ଆର ଡବ୍ଲ୍ୟୁ ଏସ୍ ଦ୍ୱାରା ବ୍ୟବହାର ହୋଇଥିବା ନିମ୍ନ ମାନର ପାଇପ୍ ଫାଟି ପ୍ରବଳ ବେଗରେ ଲୋକଙ୍କ ଘରେ ପାଣି ପଶିଛି । ଯାହା ଦ୍ୱାରା ବିଭିନ୍ନ ଆସବାବ ପତ୍ର ନଷ୍ଟ ହେବା ସହ ଭାଙ୍ଗିଲା କାନ୍ଥ। କ୍ଷତିପୂରଣ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା, ହନୁମାନ ହଟିଂରେ ଏବେ ସୁଦ୍ଧା ରହିଛି ଅଭାବନୀୟ ପରିସ୍ଥିତି । ରାତି ଅଧରେ ହଠାତ ପାଣି ପାଇପ୍ ଲାଇନ୍ ଫାଟି ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ପ୍ରବଳ ବେଗରେ ପାଣି ନିର୍ଗତ ହୋଇ ଲୋକଙ୍କ ଘରକୁ ମାଡ଼ିଯାଇଥିଲା ୟ ବିଭିନ୍ନ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗ୍ରାମୀଣ ଜଳ ଯୋଗାଣ (ଜଡଝ) ବିଭାଗ ଦ୍ୱାରା ଗୁରୁବେଡ଼ା ଠାରୁ ଯେଉଁ ପାଇପ୍ ଲାଇନ୍ ଯାଇଛି ତାହା ଫାଟିବା କାରଣରୁ ଏଭଳି ପରିସ୍ଥିତି ଦେଖାଦେଇଥିଲା । ଗତ ରାତି ପ୍ରାୟ ଗୋଟାଏ ସମୟରେ ହନୁମାନ ହଟିଂ ଦେଇ ଯାଇଥିବା ଏହି ପାଇପ୍ ଫାଟିଯାଇଥିଲା । ଲୋକେ ଶୋଇଥିବା ବେଳେ ହଠାତ୍ ଘର



ଭିତରକୁ ପ୍ରଖର ପାଣି ସୁଅ ମାଡ଼ି ଯାଇଥିଲା । କିଛି ଭାବିବା ଆଗରୁ ଲୋକଙ୍କ ଘର ଭିତରେ ଥିବା ଆସବାବପତ୍ର ସବୁ ବୁଡ଼ି ଯିବା ସହିତ, ପୋଷାକ, ବିଛଣା, ଚାଉଳ ଓ ଅନ୍ୟାନ୍ୟ ଜିନିଷପତ୍ର ନଷ୍ଟ ହୋଇଯାଇଥିଲା । ଏଥିରେ ୧୦ରୁ ଅଧିକ ପରିବାର କ୍ଷତିଗ୍ରସ୍ତ ହୋଇଥିବା ବେଳେ, ହଟିଂରେ ରହୁଥିବା ଜୀଙ୍ଗି ମୁଣ୍ଡା ଓ ଗଣେଷ ମୁଣ୍ଡାଙ୍କ ଘର କାନ୍ଥ ଭାଙ୍ଗି ଯାଇଛି । ଏମିତିରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ତେବେ ପାଣି ବନ୍ଦ ହେବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଛି । କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ସହ କ୍ଷତିପୂରଣ ପାଇଁ ଲୋକେ ଦାବି କରିଛନ୍ତି । ତେବେ ଏହି ଘଟଣା ପରେ ଏପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ କିମ୍ୱା ପ୍ରଶାସନର କୌଣସି ଅଧିକାରୀ ଘଟଣା ସ୍ଥଳରେ ପହଂଚି ନଥିବା ବେଳେ ଉକ୍ତ ୱାର୍ଡ ର ପୂର୍ବତନ କାଉନସିଲର ସୁରେଶ ବାରିକ ଓ ଏବେକାର କାଉନ୍ସିଲର ପୂଜା ସିଂ ଆଲାଡା ଘଟଣା ସ୍ଥଳରେ ପହଂଚି ସ୍ଥାନୀୟ ଲୋକଙ୍କ ଅସୁବିଧା ପରଖିବା ସହିତ ଶୀଘ୍ର ଏହାର ସମାଧାନ କରି ଲୋକଙ୍କ କ୍ଷତି ପୂରଣ ଦେବାକୁ ଦାବି କରିଛନ୍ତ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ୟୁପିରେ ହେବ ବଡ ପରିବର୍ତ୍ତନ, ଛଡାଇ ନିଆଯିବ ସିଏମ୍ ଚୌକି

**ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି):** ଉତ୍ତରପ୍ରଦେଶରେ ୯ଟି ଆସନରେ ହେଉଥିବା ଉପନିର୍ବାଚନ ମଧ୍ୟରେ ନେତା ମାନଙ୍କ ବୟାନବାଜୀ ତୀବ୍ର ହେବାରେ ଲାଗିଛି । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଆଜି (ଶୁକ୍ରବାର) କରହଲ୍ରେ ଉପନିର୍ବାଚନକୁ ନେଇ ଜନସଭାକୁ ସମ୍ବୋଧିତ କରିଛନ୍ତି । ଅଖିଳେଶ ତାଙ୍କ ସମ୍ବୋଧନରେ ସିଏମ ଯୋଗୀ ଆଦିତ୍ୟନାଥଙ୍କ ଉପରେ ଟାର୍ଗେଟ କରିଛନ୍ତି ଏବଂ ଏକ ବଡ ଦାବି ମଧ୍ୟ କରିଛନ୍ତି । କରହଲରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିବାବେଳେ ଅଖିଳେଶ ଯାଦବ କହିଛନ୍ତି,ମହାରାଷ୍ଟ୍ର ନିର୍ବାଚନ ପରେ ଉତ୍ତରପ୍ରଦେଶର ଚୌକି ମଧ୍ୟ ଛଡ଼ାଇ ନିଆଯିବ । ଆମ ମୁଖ୍ୟମନ୍ତ୍ରୀ ସମାଜ ଭିତରେ ବାରୁଦ ବିସ୍ତାର କରୁଛନ୍ତି କିନ୍ତୁ ତାଙ୍କ ତଳେ ଏକ ସୁଡଙ୍ଗ ଖୋଳା ଚାଲିଛି । ସେ ଏଥିପାଇଁ ବାରୁଦ ବିସ୍ତାର କରୁଛନ୍ତି, କାରଣ ସେ ମଧ୍ୟ ଜାଣି ସାରିଲେଣି ତାଙ୍କ ଚୌକି ବିପଦରେ ରହିଛି । କରହଲରେ ଏକ ଐତିହାସିକ ବିଜୟ ହେବ ବୋଲି ଏସପି ମୁଖ୍ୟ କହିଛନ୍ତି । ବିଭାଜନ ରାଜନୀତି ସଫଳ ହେବ ନାହିଁ । ଏଠାରେ ଜନସାଧାରଣ ଓ ଚାଷୀଙ୍କୁ ହଇରାଣ କରାଯାଉଛି । ଯୁବକ ମାନଙ୍କୁ ଚାକିରି ଦିଆଯାଉ ନାହିଁ । ସେମାନଙ୍କ ଭବିଷ୍ୟତ ସହିତ ଖେଳା ଯାଉଛି । ସେ କହିଛନ୍ତି ଯେ ବିଜେପି ସମସ୍ତ ୯ ଟି ଆସନରେ ହାରିବାକୁ ଯାଉଛି । ବିଜେପି ଭିତରେ ଥିବା ଲୋକମାନେ ଏବଂ ସହଯୋଗୀ ମାନେ ମଧ୍ୟ 'ବାଟେଙ୍ଗେ ତୋ କାଟେଙ୍ଗେ'ର ସ୍ଲୋଗାନ ଗ୍ରହଣ କରୁନାହାଁନ୍ତି । ବୁଲଡୋଜର ସବୁଦିନ ପାଇଁ ନଷ୍ଟ ହୋଇଗଲା । ଏଥିପାଇଁ ମୁଁ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଦେଉଛି, ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ । ଅଖିଳେଶ ଯାଦବ କହିଛନ୍ତି ଯେ ଏଠାରେ ଥିବା ଲୋକମାନେ କଦାପି ବିଭେଦ ଏବଂ ଶାସନ ଗ୍ରହଣ କରିପାରିବେ ନାହିଁ, ସେମାନେ ବ୍ରିଟିଶ ମାନଙ୍କ ପଥ ଅନୁସରଣ କରୁଛନ୍ତି ଏବଂ ଦେଶ ଏହାକୁ କଦାପି ଗ୍ରହଣ କରିପାରିବ ନାହିଁ । ସୂଚନାଥାଉକି, ଗତ ୨୦୨୨ ବିଧାନସଭା ନିର୍ବାଚନରେ ଅଖିଳେଶ ଯାଦବ କରହଲ ବିଧାନସଭା ଆସନରୁ ଜିତିଥିଲେ । ତାଙ୍କ ଇସ୍ତଫା ପରେ ହିଁ ଏହି ଆସନରେ ଉପ-ନିର୍ବାଚନ ଅନୁଷ୍ଠିତ ହେଉଛି । ସେ ବର୍ତ୍ତମାନ ଲୋକସଭା ନିର୍ବାଚନରେ ଜିତି ସାଂସଦ ହୋଇଛନ୍ତି ।

## ମୋଦିକେୟାରର ଗ୍ରୁମିଂ ଓ ୱେଲନେସ ଉତ୍ପାଦ

**ଭୁବନେଶ୍ୱର,୧୫।୧୧ :** ଅନ୍ତର୍ଜାତୀୟ ପୁରୁଷ ଦିବସ ଅବସରରେ ମୋଦିକେୟାର ଲିମିଟେଡ ପକ୍ଷରୁ ପୁରୁଷମାନଙ୍କ ଗ୍ରୁମିଂ, ୱେଲନେସ ଓ ଷ୍ଟାଇଲ ଆବଶ୍ୟକତା ପୂରଣ କରିବା ଲାଗି ବିଭିନ୍ନ ଉତ୍ପାଦ ଉପସ୍ଥାପନ କରାଯାଇଛି । ସମ୍ଭ୍ରାନ୍ତ ହାତଘଂଟାଠାରୁ ଆରମ୍ଭ କରି ସୁଗନ୍ଧଭରା ପରଫ୍ୟୁମ ପର୍ଯ୍ୟନ୍ତ ପୁରୁଷମାନଙ୍କ ଲାଗି ଦରକାର ବିଭିନ୍ନ ଉତ୍ପାଦ ମୋଦିକେୟାର ଯୋଗାଉଛି । ଅତି ଯତ୍ନର ସହ ସଂଗ୍ରହ କରାଯାଇଥିବା ଏହି ଉତ୍ପାଦଗୁଡ଼ିକ ପୁରୁଷଙ୍କ ବିଶ୍ୱାସ ଓ ଆକର୍ଷଣ ବଢ଼ାଇବା ସହ ସେମାନଙ୍କ ଶାରିରୀକ ଓ ମାନସିକ କଲ୍ୟାଣରେ ସାହାଯ୍ୟ କରିବ । ମୋଦିକେୟାରର ୱେଲ ମଲଟିଭିଟାମିନ ମଲଟିମିନେରାଲ ମେନ ପୁରୁଷଙ୍କ ଆବଶ୍ୟକ ପୋଷଣ ପ୍ରଦାନ କରିବ । ଏହାର ମୂଲ୍ୟ ୯୯୯ ଟଙ୍କା ରହିଛି । ସେଥିରେ ୮ ପ୍ରକାର ଭିଟାମିନ, ୧୦ ପ୍ରକାର ମିନେରାଲ, ୪ ଆମିନୋ ଏସିଡ ଓ ୪ ଜଡ଼ିବୁଟିର ଉପାଦାନ ସହିତ ୨୬ ପ୍ରକାର ଅତ୍ୟାବଶ୍ୟକୀୟ ପୋଷଣ ରହିଛି । ଏହା ପୁରୁଷଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଦୃଢ଼ତାରେ ଉନ୍ନତି ଆଣିବ । ମୋଦିକେୟାରର ଆଉ ଏକ ଉତ୍ପାଦ ହେଉଛି ୱେଲ କ୍ୟାଲସିୟମ କମ୍ପ୍ଲେକ୍ସଯାହାର ମୂଲ୍ୟ ୫୨୦ ଟଙ୍କା ରହିଛି । ହାଡ଼କୁ ଦୃଢ଼ କରିବା ପାଇଁ ଏଥିରେ ଭିଟାମିନ ଡି, ମ୍ୟାଗ୍ନେସିୟମ, ଭିଟାମିନ କେ୨-୭ ଓ ଜିଙ୍କ ରହିଛି । ଏହା ମାଂଶପେଶୀ ଓ ସ୍ନାୟୁକୁ ଉପଯୁକ୍ତ ଭାବେ କାର୍ଯ୍ୟ କରିବାରେ ସହାୟକ ହେବ ।

## ଲାଇଫ ହୋଟେଲ ପକ୍ଷରୁ ଛାଡ଼ଖାଇ ପର୍ବ

**ଭୁବନେଶ୍ୱର,୧୫।୧୧ :** ପବିତ୍ର କାର୍ତିକ ମାସର ଅନ୍ତ ଏବଂ କେବଳ ନିରାମିଷ ଖାଦ୍ୟର ଅବଧି ଶେଷ ହେବା ଅବସରରେ ବ୍ୟାପକ ବ୍ରଂଚ ପରିବେଷଣ କରି ଲାଇଫ ହୋଟେଲ ଭୁବନେଶ୍ୱରରେ ଛାଡ଼ଖାଇର ଜୀବନ୍ତ ପର୍ବ ପାଳନ କରାଯାଏ । ବିଭିନ୍ନ ପ୍ରକାରର ପାରମ୍ପରିକ ଓ ଆକର୍ଷଣୀୟ ଆମିଷ ଖାଦ୍ୟ ସହିତ ଓଡ଼ିଶାର ସମୃଦ୍ଧ ଖାଦ୍ୟ ସଂସ୍କୃତିର ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ରୋଷେଇ ଯାତ୍ରାରେ ନିୟୋଜିତ ହୁଅନ୍ତୁ । ପାରମ୍ପରିକ ଓଡିଆ ପଦ୍ଧତିରେ ଆମ ରୋଷେୟାମାନଙ୍କ ଦ୍ୱାରା ରନ୍ଧା ଯାଇଥିବା ଚମତ୍କାର କଷା ମାଂସ, ମାଛପତ୍ର ପୋଡ଼ା ଏବଂ ଆହୁରି ଅନେକ ବ୍ୟଞ୍ଜନକୁ ନେଇ ଆପଣଙ୍କ ସ୍ୱାଦକୁ ଏକ ଗୌରବମୟ ଯାତ୍ରାରେ ପରିଣତ କରନ୍ତୁ । ଏହି କୌଶଳପୂର୍ଣ୍ଣ ଭାବରେ ପ୍ରସ୍ତୁତ ଖାଦ୍ୟ ସହିତ ସେଫମାନେ ଏହି ପପ୍-ଅପ୍ରେ ସେମାନଙ୍କର ଆଂଚଳିକ ମୂଳକୁ ଆଗେଇ ଆଣନ୍ତି, ଯେଉଁଥିରେ ଅତିଥିମାନଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ପରିବେଷଣ କରାଯାଉଥିବା ଲାଇଭ୍ କାଉଂଟର ଏବଂ ଲାଇଭ୍ ସଙ୍ଗୀତ କାର୍ଯ୍ୟକ୍ରମକୁ ଏକାଠି ବାନ୍ଧି ରଖିଥାଏ ।

# ଲାହୋରରେ ୧୯୦୦ ଅତିକ୍ରମ କଲା ଏକ୍ୟୁଆଇ

**ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି):** ପାକିସ୍ତାନର ଲାହୋର ସହରରେ ପ୍ରଦୂଷଣ ଯୋଗୁଁ ପରିସ୍ଥିତି ଖରାପ ହେବାରେ ଲାଗିଛି । ଲାହୋର ଦୁନିଆର ସବୁଠାରୁ ପ୍ରଦୂଷିତ ସହରରେ ପରିଣତ ହୋଇଛି । କଳା ବିଷାକ୍ତ ଧୂଆଁ ସହରର ଚାରିଆଡେ ବ୍ୟାପିବା ଯୋଗୁ ଲୋକଙ୍କ ଜୀବନ କଷ୍ଟସାଧ ହୋଇପଡ଼ିଛି । ଲାହୋରର ଏୟାର କ୍ୱାଲିଟି ଇଣ୍ଡେକ୍ସ ଅର୍ଥାତ୍ ବାୟୁ ଗୁଣବତ୍ତା ସୂଚକାଙ୍କ ୧୯୦୦ ଅତିକ୍ରମ କରିଛି । ଖବର ଅନୁଯାୟୀ, ପାକିସ୍ତାନର ପ୍ରାୟ ୧୫,୦୦୦ ରୋଗୀ ଶ୍ୱାସରୋଗ, ଶ୍ୱାସ ନେବାରେ ଅସୁବିଧା ଏବଂ ଅନ୍ୟାନ୍ୟ ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଯୋଗୁଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଲାହୋରର ପରିସ୍ଥିତି ଦେଖି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । ପ୍ରଦୂଷଣକୁ ନେଇ ତୁରନ୍ତ ପଦକ୍ଷେପ ନିଅ । ନ ଗଲେ ପରିସ୍ଥିତି ଆହୁରି ଖରାପ ହୋଇପାରେ ବୋଲି ସେ କହିଛନ୍ତି । ସରକାର ପ୍ରଦୂଷଣର ମୁଖ୍ୟ ଉତ୍ସଗୁଡ଼ିକୁ ଚିହ୍ନଟ କରିବା ଏବଂ ଏଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଲଗାଇବା ଉଚିତ୍ । ଏହା ବ୍ୟତୀତ ସେ ସାର୍ବଜନୀନ ପରିବହନ ବ୍ୟବହାର କରିବାକୁ ଲୋକଙ୍କୁ ଉତ୍ସାହିତ କରିବା ବିଷୟରେ କହିଥିଲେ ଏବଂ ଘରୋଇ ଯାନ ସଂଖ୍ୟା ହ୍ରାସ କରିବା ଦିଗରେ ପଦକ୍ଷେପ ନେବାକୁ ମଧ୍ୟ କହିଥିଲେ । କହିରଖୁଛୁ ଯେ, ଲାହୋରର ଏହି ପ୍ରଦୂଷିତ ପରିବେଶର ମୁଖ୍ୟ କାରଣ ହେଉଛି ଗାଡ଼ିମଟର ନିର୍ଗମନ, ନିର୍ମାଣ ସ୍ଥାନରୁ ଧୂଳି ଉଡ଼ିବା ଏବଂ ଶିଳ୍ପ ପ୍ରଦୂଷଣ ବୋଲି କୁହାଯାଇଛି । ଏପରିସ୍ଥଳେ ବିଶେଷଜ୍ଞମାନେ ଲୋକଙ୍କୁ ମାସ୍କ ପିନ୍ଧିବା, ଘର ଭିତରେ ରହିବା ଏବଂ ଏୟାର ପ୍ୟୁରିଫାୟର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ଖବର ଅନୁଯାୟୀ, ଲାହୋରର ଡାକ୍ତରଖାନାଗୁଡ଼ିକରେ ନିଃଶ୍ୱାସ ପ୍ରଶ୍ୱାସ ନେବା, ଶୁଖିଲା କାଶ, ନିମୋନିଆ ଏବଂ ଗୁରୁତର ହୃଦଘାତରେ ପୀଡିତ ରୋଗୀମାନେ ଭିଡ଼ ଜମାଇଛନ୍ତି । ପାକିସ୍ତାନର ସରକାରୀ ଡାକ୍ତରଖାନାଗୁଡ଼ିକରେ ସର୍ବାଧିକ ମାମଲା ପଞ୍ଜିକୃତ ହୋଇଛି । ଯେଉଁଥିରେ ମାୟୋ ହସ୍ପିଟାଲରେ ୪ ହଜାରରୁ ଅଧିକ ରୋଗୀ, ଜିନ୍ନା ହସ୍ପିଟାଲରେ ୩୫୦୦ ରୁ ଅଧିକ ରୋଗୀ, ଗଙ୍ଗାରାମ ହସ୍ପିଟାଲରେ ୩ ହଜାରରୁ ଅଧିକ ରୋଗୀ ଏବଂ ୨ ହଜାରରୁ ଅଧିକ ରୋଗୀ ଶିଶୁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ପାକିସ୍ତାନର ଡାକ୍ତରୀ ବିଶେଷଜ୍ଞ ଆଶରଫ ଜିଆ ଚେତାବନୀ ଦେଇଛନ୍ତି ଯେ, ଏହି ବିପଦପୂର୍ଣ୍ଣ ପରିବେଶରେ ଗୁରୁତର ହୃଦଘାତରେ ପୀଡିତ ଶିଶୁ ଏବଂ ରୋଗୀଙ୍କୁ ବିଶେଷ ଧ୍ୟାନ ଦେବା ଆବଶ୍ୟକ । କୌଣସି ପ୍ରକାରେ ଏହି ବିପଜ୍ଜନକ ଧୂଆଁ ସହିତ ଛୁଆମାନଙ୍କୁ ସିଧାସଳଖ ସଂସ୍ପର୍ଶରେ ଆସିବାକୁ ଦିଆଯିବା ଉଚିତ୍ ନୁହେଁ ବୋଲି କହିଥିଲେ । ସେ କହିଛନ୍ତି ଯେ ପଞ୍ଜାବର କିଛି ଅଞ୍ଚଳରେ ନଭେମ୍ବର ୧୦ ରେ ଏକ୍ୟୁଆଇ ୧୯୦୦ ରୁ ଅଧିକ ରେକର୍ଡ କରାଯାଇଥିଲା ।

# ରାହୁଲଙ୍କ ଉପରେ ବର୍ଷିଲେ ଶାହ ଓ ମୋଦୀ

**ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି):** ଝାଡଖଣ୍ଡରେ ଅମିତ ଶାହଙ୍କ ମାରାଥନ ପ୍ରଚାର । କେନ୍ଦ୍ରଗୃହମନ୍ତ୍ରୀ ଆଜି ଝାଡଖଣ୍ଡର ଗିରିଡିହରେ ଜନସାଧାରଣଙ୍କୁ ସମ୍ବୋଧନ କରିଛନ୍ତି । ମଂଚରେ ବିରୋଧୀ ଦଳନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କଲେ ଅମିତ ଶାହ । ଶାହ କହିଛନ୍ତି ସୋନିଆ ଗାନ୍ଧୀ ରାହୁଲଙ୍କୁ ରାଜନିତୀ ମଇଦାନକୁ ଓହ୍ଲାଇବାକୁ ବହୁତ ଥର ଚେଷ୍ଟା କରିଛନ୍ତି । କିନ୍ତୁ ସୋନିଆଙ୍କ ରାହୁଲ ପ୍ଲେନ କୋଡିଏ ଥର ଫେଲ ମାରିଥିଲା ଏବଂ ପ୍ଲେନ ପୁଣି ଝାରଖଣ୍ଡରେ ୨୧ଥର କ୍ରାସ ହେବାକୁ ଯାଉଛି । ଅମିତ ଶାହାଙ୍କ ବୟାନ ପରେ ଝାଡଖଣ୍ଡରେ ସରଗରମ



ହୋଇଛି ରାଜନିତୀ । ରାହୁଲଙ୍କ ପରେ ଝାଡଖଣ୍ଡର ବିକାଶ ଓ ନକ୍ସଲବାଦର କଥା କହିଥିଲେ ଗୃହମନ୍ତ୍ରୀ । ଝାଡଖଣ୍ଡରେ ବିଜେପି ସରକାରକୁ ଆସିଲେ ରାଜ୍ୟରେ ନକ୍ସଲବାଦ ଓ ଅବୈଧ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ରୋକ ଲାଗିବ । ପାଞ୍ଚ ବର୍ଷମଧ୍ୟରେ ଝାଡଖଣ୍ଡକୁ ସମୃଦ୍ଧ ରାଜ୍ୟରେ ପରିଣତ କରାଯିବ । ରାଜ୍ୟରେ ଗରିବୀ ଦୁର ପାଇଁ ଆମ ସରକାର ପ୍ରତିବଦ୍ଧ ଅଛି । ରାଜ୍ୟରେ ଭ୍ରଷ୍ଟାଚାରର ଯାଞ୍ଚ ପାଇଁ ଏସଆଇଟି ଗଠନ କରାଯିବ । ଜେଏମଏମ୍ ଓ କଂଗ୍ରେସ ନେତାଙ୍କ ଦ୍ୱାରା ଲୁଟ କରାଯାଇଥିବା ସରକାରୀ ଅର୍ଥକୁ ଫେରାସ୍ତ ଅଣାଯିବ ବୋଲି ଅମିତ ଶାହା ଜନସଭାରେ କହିଥିଲେ ।

# ଯଦି ଭୋଟ ଜିହାଦ ଜାରି ରହେ ତେବେ ଧର୍ମଯୁଦ୍ଧ କରିବାକୁ ପଡ଼ିବ: ଫଡନାଭିସ୍

**ମୁମ୍ବାଇ,୧୫।୧୧(ଏଜେନ୍ସି):** ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ଫଡନାଭିସ୍ କହିଛନ୍ତି ଯେ ଯଦି କଂଗ୍ରେସ ଏବଂ ଏଆଇଏମଆଇଏମ୍ ଦ୍ୱାରା ଭୋଟ୍ ଜିହାଦର ବ୍ୟବହାର ଜାରି ରହେ, ତେବେ ଏଥିପାଇଁ ଧର୍ମଯୁଦ୍ଧ କରିବାକୁ ପଡ଼ିବ । ଲୋକଙ୍କୁ ଏକ ଉପାୟରେ ଜାଗ୍ରତ କରିବା ପାଇଁ ଏହା ଏକ ପ୍ରୟାସ । ଯୋଗୀ ଆଦିତ୍ୟନାଥଙ୍କ ବୟାନ 'ବଟୋଗେ ତୋ କଟୋଗେ ' ସହ ସେ ସମ୍ପୂର୍ଣ୍ଣ ସହମତ ବୋଲି ସେ କହିଛନ୍ତି । ଫଡନାଭିସ କହିଛନ୍ତି, ଯଦି କୌଣସି ସମାଜ ବିଭାଜିତ ହୁଏ, ତା'ହେଲେ ତାହାର ଅନ୍ତ ଘଟିବ । ଇତିହାସ ଆମକୁ ଏହା ଦେଖାଇଛି । କଂଗ୍ରେସ କ୍ରମାଗତ ଭାବରେ ଜାତିକୁ ବିଭାଜନ କରିବାକୁ ଚେଷ୍ଟା କରୁଛି, ଯାହାଦ୍ୱାରା ସେମାନେ ପରସ୍ପର ସହ ଲଢ଼େଇ ଜାରି ରଖିବେ । ତେଣୁ ଯଦି କେହି କୁହନ୍ତି ଯେ ଯଦି ଆମେ ବିଭାଜନ କରିବୁ, ତେବେ ଆମକୁ କାଟି ଦିଆଯିବ, ଏଥିରେ ଭୁଲ୍ କ'ଣ ? ହଁ, ଏହା ସକାରାତ୍ମକ ଭାବରେ ମଧ୍ୟ କୁହାଯାଇପାରେ, ଯେପରି କି ଆମ ର ପ୍ରଧାନମନ୍ତ୍ରୀ କହିଥିଲେ - ଯଦି ଏକତା ଅଛି,



ତେବେ ନିରାପତ୍ତା ଅଛି । କଂଗ୍ରେସ ଦଳ ହିନ୍ଦୁ-ମୁସଲମାନ ଆଧାରରେ ଦେଶକୁ ବିଭାଜନ କରିବାକୁ ଚାହୁଁଛି ବୋଲି ଫଡନାଭିସ ଅଭିଯୋଗ କରିଛନ୍ତି । ସେମାନେ ତୁଷ୍ଟୀକରଣ ନୀତି ଅନୁସରଣ ଜାରି ରଖିଛନ୍ତି । ଆମର ନୀତି ସମସ୍ତଙ୍କ ପାଇଁ ନ୍ୟାୟ ଏବଂ କାହାପାଇଁ ନିଯୁକ୍ତି ନୁହେଁ ବୋଲି ସେ କହିଛନ୍ତି । ବଟୋଗେ ତୋ କଟୋଗେ ' ସ୍ଲୋଗାନ କୁ ନେଇ ଅଜିତ ପାୱାରଙ୍କ ଆଭିମୁଖ୍ୟ ସମ୍ପର୍କିତ ପ୍ରଶ୍ନରେ ଦେବେନ୍ଦ୍ର ଫଡନାଭିସ୍ କହିଛନ୍ତି ଯେ ଅଜିତ କାକା ଏବେ ବି ଭାବନାକୁ ବୁଝିପାରୁନାହାନ୍ତି । ସେ ମୋର ସହକର୍ମୀ । ସେ ଜଣେ ଅତ୍ୟନ୍ତ ଚତୁର ରାଜନେତା । ଲୋକଙ୍କ ଭାବନାକୁ ବୁଝିବାରେ ସେ ଭୁଲ କରୁଛନ୍ତି । ଭୋଟ୍ ଜିହାଦ ପରେ ଯେମିତି ଆମେ କେଉଁ ଦିଗକୁ ଯାଉଛୁ ତାହାକୁ ନେଇ ଲୋକଙ୍କ ମନରେ କ୍ରୋଧ ରହିଛି । ଯଦି ସେ ଏହା ବୁଝିବେ, ତେବେ ସେ ଏଭଳି କଥା କହିବେ ନାହିଁ ।

# ଇଣ୍ଡିଗୋ ବିମାନକୁ ବୋମା ଧମକ


**ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି):** ଆଜି ପୂର୍ବାହ୍ନରେ ନାଗପୁରରୁ କୋଲକାତା ଉଡ଼ାଣ ଭରିଥିବା ଏକ ଇଣ୍ଡିଗୋ ବିମାନକୁ ବୋମା ଧମକ ମିଳିବା ପରେ ଏହା ରାୟପୁରରେ ଜରୁରୀ ଅବତରଣ କରିଥିଲା । ୧୮୭ ଯାତ୍ରୀ ଏବଂ ୬ କ୍ରୁ ସଦସ୍ୟ ଥିବା ବିମାନଟି ସ୍ୱାମୀ ବିବେକାନନ୍ଦ ଏୟାରପୋର୍ଟରେ ଅବତରଣ କରିଥିଲା ବୋଲି ରାୟପୁର ଏସପି ସନ୍ତୋଷ ସିଂହ ସୂଚନା ଦେଇଛନ୍ତି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ମଝି ଆକାଶରେ ଥିବା ବେଳେ ବିମାନରେ ବୋମା ଅଛି ବୋଲି ଜଣେ ଯାତ୍ରୀ କ୍ରୁ ସଦସ୍ୟଙ୍କୁ କହିଥିଲେ । ଏନେଇ ଏୟାର ଟ୍ରାଫିକ କଣ୍ଟ୍ରୋଲକୁ ସୂଚନା ଦେବା ସହ ବିମାନକୁ ରାୟପୁର ଏୟାରପୋର୍ଟକୁ ଡାଇଭର୍ଟ କରାଯାଇଥିଲା । ସେଠାରେ ଅବତରଣ କରିବା ପରେ ବିମାନଟିକୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା । ସବୁ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦିଆଯିବା ସହ ସେମାନଙ୍କ ଲଗେଜକୁ ଯାଞ୍ଚ କରାଯାଇଥିଲା । ଏହା ସହ ବୋମା ସନ୍ଧାନକାରୀ ଟିମ୍ ବିମାନରେ ବୋମା ଖୋଜାଖୋଜି କରିଥିଲେ । ଯାଞ୍ଚ ପରେ ବୋମା ଥିବା ଖବର ଗୁଜବ ବୋଲି ଜଣାପଡ଼ିଥିଲା । ତେବେ ଯେଉଁ ଯାତ୍ରୀ ବିମାନରେ ବୋମା ଥିବା ନେଇ କହିଥିଲେ ତାଙ୍କୁ ପୋଲିସ ଗିରଫ କରି ପଚରା ଉଚରା କରୁଛି । ସେପଟେ ବୋମା ନଥିବା ନେଇ ସ୍ପଷ୍ଟ ହୋଇଯିବା ପରେ ବିମାନଟି କୋଲକାତା ଅଭିମୁଖେ ଯାତ୍ରା କରିଛି । ଏହା ପୂର୍ବରୁ ଅକ୍ଟୋବର ୨୪ରେ କୋଲକାତାରୁ ବିଳାଶପୁର ଯାଉଥିବା ଆଲିଆନ୍ସ ଏୟାରର ଏକ ବିମାନକୁ ଧମକ ମିଳିଥିଲା । କିନ୍ତୁ ଯାଞ୍ଚ ପରେ ଏଥିରେ କେଣସି ସତ୍ୟତା ନଥିବା ଜଣାପଡ଼ିଥିଲା । ତେବେ ଗତ କିଛି ଦିନ ହେଲା ବିଭିନ୍ନ ବିମାନକୁ ବୋମାରେ ଉଡ଼ାଇ ଦେବାକୁ ମିଳୁଛି । ଯଦିଓ ଧମକରେ କେଣସି ସତ୍ୟତା ନାହିଁ କିନ୍ତୁ ଉଭୟ ଏୟାର ଲାଇନ ଏବଂ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ସୁଧୁରୁନି ବାଂଲାଦେଶ, ବିଦ୍ୟୁତ୍ ସଙ୍କଟ ଯୋଗୁଁ ପଙ୍ଗୁ ଅବସ୍ଥାରେ ଦେଶର ଶିଳ୍ପ ଜଗତ

**ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି):** ସୁଧୁରୁନି ବାଂଲାଦେଶ । ବିଦ୍ୟୁତ ସଙ୍କଟ ଯୋଗୁଁ ଦେଶର ଶିଳ୍ପ ଜଗତ ଏକପ୍ରକାର ପଙ୍ଗୁ ଅବସ୍ଥାରେ । ବାଂଲାଦେଶ ସରକାର ଅଦାନୀଙ୍କୁ ବକେୟା ଟଙ୍କା ଦେବେ କଣ ଓଲଟା କୋର୍ଟକୁ ଯାଇଛନ୍ତି । ବାଂଲାଦେଶର ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଓକିଲ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରି ଦାବି କରିଛନ୍ତି ଯେ ଭାରତର ଅଦାନୀ ଗ୍ରୁପ୍ ସହ ହୋଇଥିବା ବିଦ୍ୟୁତ ଚୁକ୍ତିର ସମୀକ୍ଷା କିମ୍ବା ବାତିଲ କରିବାକୁ ଅଦାଲତ ଅନ୍ତରୀଣ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ । ବିଦ୍ୟୁତ ସଙ୍କଟ ଯୋଗୁଁ ଦେଶର ଶିଳ୍ପ ଗୁଡ଼ିକ ନଷ୍ଟ ହେବାରେ ଲାଗିଛି ଏବଂ ଏବେ ଏହା ନିଜର ସ୍ଥିତିକୁ ଆହୁରି ଖରାପ କରିବାକୁ ଚେଷ୍ଟା କରୁଛି । ବାଂଲାଦେଶର ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଓକିଲ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରି ଦାବି କରିଛନ୍ତି ଯେ ଭାରତର ଅଦାନୀ ଗ୍ରୁପ୍ ସହ ହୋଇଥିବା ବିଦ୍ୟୁତ ଚୁକ୍ତିର ସମୀକ୍ଷା କିମ୍ବା ବାତିଲ କରିବାକୁ ଅଦାଲତ ଅନ୍ତରୀଣ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ । ବାଂଲାଦେଶର ବ୍ୟାରିଷ୍ଟର ଏମ୍ ଅବଦୁଲ କୟୁମ୍ ଜନସ୍ୱାର୍ଥ ସମ୍ବନ୍ଧୀୟ ଏକ ମାମଲା ଭାବେ ଏକ ରିଟ୍ ପିଟିସନ୍ ଦାଖଲ କରିଛନ୍ତି । ଏଥିରେ ସେ ୨୦୧୭ ନଭେମ୍ବର ୫ତାରିଖରେ ବାଂଲାଦେଶ ସରକାର ଏବଂ ଅଦାନୀ ପାୱାର ଲିମିଟେଡ୍ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିର ବୈଧତାକୁ ଚ୍ୟାଲେଞ୍ଜ କରିଛନ୍ତି । ଅଦାନୀ ଗ୍ରୁପ୍ ସହ ଚୁକ୍ତିକୁ ନେଇ ଉଠିଲା ପ୍ରଶ୍ନ ? ଆଇନଜୀବୀ ଅବଦୁଲ କୟୁମ୍ ବାଂଲାଦେଶ ଦୈନିକ 'ଦ ଡେଲି ଷ୍ଟାର'କୁ କହିଛନ୍ତି ଆସନ୍ତା ସପ୍ତାହରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରିପାରିବେ । ପିଟିସନ ସମ୍ପର୍କରେ ସେ କହିଛନ୍ତି ଯେ ସେ ଅନେକ ବିଶେଷଜ୍ଞଙ୍କ ମତାମତ କୁ ଅନ୍ତର୍ଭୁକ୍ତ କରିଛନ୍ତି, ଯେଉଁମାନେ କହିଛନ୍ତି ଯେ ଏହି ଚୁକ୍ତି ଅନୁଯାୟୀ ବାଂଲାଦେଶକୁ କୋଇଲା ଭିତ୍ତିକ ବିଦ୍ୟୁତ ଅପେକ୍ଷା ନିମ୍ନ ମାନର କୋଇଲା ଶକ୍ତି ପାଇଁ ଅଧିକ ମୂଲ୍ୟ ଦେବାକୁ ପଡିବ । ସେପଟେ ସମୀକ୍ଷାର ସଙ୍କେତ ଦେଲେ ୟୁନୁସ ସରକାର । ଏହା ପୂର୍ବରୁ ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ମଧ୍ୟ ଆଦାନୀ ଗ୍ରୁପ୍ ସହ ହୋଇଥିବା ଏହି ଚୁକ୍ତିର ସମୀକ୍ଷା କରିବାକୁ କହିଥିଲେ । ସରକାର ଜାଣିବାକୁ ଚାହୁଁଛନ୍ତି ଯେ ଚୁକ୍ତିର ସର୍ତ୍ତାବଳୀ କ'ଣ ଥିଲା ଏବଂ ବାଂଲାଦେଶ ପ୍ରକୃତରେ ଏହା ଅଧୀନରେ ବିଜୁଳି ପାଇଁ ଅଧିକ ମୂଲ୍ୟ ଦେଉଛି କି ନାହିଁ । ଶେଖ୍ ହସିନା ସରକାର ସମୟରେ ହୋଇଥିବା ଏହି ଚୁକ୍ତିକୁ ନେଇ ବାଂଲାଦେଶରେ ଅନେକ ବର୍ଷ ଧରି ପ୍ରଶ୍ନ ଉଠୁଛି । ବାଂଲାଦେଶ ଉପରେ ରହିଛି ହଜାର ହଜାର କୋଟି ଟଙ୍କାର ବିଲ୍ । ଅଦାନି ଗ୍ରୁପ୍ ସହ ହୋଇଥିବା ଏହି ଚୁକ୍ତିରୁ ବାଂଲାଦେଶକୁ ପ୍ରାୟ ୧୦ ପ୍ରତିଶତ ବିଜୁଳି ମିଳୁଥିଲେ ହେଁ ବିଦ୍ୟୁତ ଅଭାବରୁ ବାଂଲାଦେଶର ଅଧିକାଂଶ ଶିଳ୍ପ ଧ୍ୱଂସ ହୋଇଯାଇଛି । ସେହିପରି ବାଂଲାଦେଶ ସରକାର ଗ୍ରୁପ୍ ଉପରେ ୭୦ କୋଟି ଟଙ୍କାର ବିଲ୍ ବକେୟା ରଖିଛନ୍ତି ।

# ୟୁକ୍ରେନ ଯୁଦ୍ଧକୁ ଦୀର୍ଘ ଦିନ ଜାରି ରଖି ଅଡୁଆରେ ପୁଟିନ

**ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି):** ୟୁକ୍ରେନ୍-ରୁଷ୍ ଯୁଦ୍ଧକୁ ଏବେ ପାଖାପାଖି ୩ ବର୍ଷ ପୂରିବ । ଉଭୟ ଦେଶ ପରସ୍ପର ଉପରେ ହମଲା ଜାରି ରଖିଛନ୍ତି । ଏହି ଯୁଦ୍ଧକୁ ଦୀର୍ଘ ଦିନ ଧରି ଜାରି ରଖିବାର ରୁଷ୍ ଉପରେ ହେଉଛି ଅଭିଯୋଗ । ଏହି ମଧ୍ୟରେ ରୁଷୀୟ ମିଡ଼ିଆର ରିପୋର୍ଟରେ କୁହାଯାଇଛି ଯେ, ରୁଷର ବିମାନ ଉଦ୍ୟୋଗ ସଦ୍ୟ ଏକ ବଡ଼ ସଙ୍କଟରେ ଫସିବାକୁ ଯାଉଛି । ରୁଷୀୟ ଦୈନିକ ଇଜଭେଷ୍ଟିଆର ଏକ ରିପୋର୍ଟରେ କୁହାଯାଇଛି ଯେ, ରୁଷର ୩୦ଟି ଏୟାରଲାଇନ୍ କମ୍ପାନୀ ଦେବାଳିଆ ହେବାର ସ୍ଥିତିରେ ପହଞ୍ଚି ଯାଇଛି । ଏହି ୩୦ଟି କମ୍ପାନୀ ସାମୂହିକ ଭାବେ ଘରୋଇ ଯାତ୍ରୀ ଯାତାୟାତର ୨୫ ପ୍ରତିଶତ ବହନ କରେ ,କିନ୍ତୁ ଆର୍ଥିକ ବୋଝର ବୃଦ୍ଧି କାରଣରୁ ଆସନ୍ତା ବର୍ଷ ୨୦୨୫ସୁଦ୍ଧା ଦେବାଳିଆ ହୋଇପାରେ । ଦେବାଳିଆର ସମ୍ମୁଖୀନ ହେଉଥିବା ଏହି ବିମାନ କମ୍ପାନୀ ଗୁଡ଼ିକ କ୍ଷୁଦ୍ର ଓ ମଧ୍ୟମ ଆକାର, ଯେଉଁମାନେ ବିଦେଶୀ ବିମାନ ଗୁଡ଼ିକୁ ଲିଜରେ ନେଇଛନ୍ତି । ଏହି କାରଣରୁ ଏହା ଉପରେ ଖୁବ୍ କରଜର ବୋଝ ରହିଛି । ୟୁକ୍ରେନ୍



ସହ ଯୁଦ୍ଧ ଆରମ୍ଭ ହେବା ପରେ ପାଶ୍ଚାତ ଦେଶ ଗୁଡ଼ିକ ରୁଷିଆ ଉପରେ ଆର୍ଥିକ ପ୍ରତିବନ୍ଧକ ଲଗାଇଛନ୍ତି, ଯେଉଁଥି ପାଇଁ ସେମାନେ ଆର୍ଥିକ କ୍ଷତି ସହୁଛନ୍ତି । ୩୦ଟି କମ୍ପାନୀ ମଧ୍ୟରୁ ଅଧିକାଂଶ କମ୍ପାନୀମାନେ ବିମାନ ଲିଜ୍ର ଉପରେ କିସ୍ତି ଦେବା ବନ୍ଦ କରି ଦେଇଛନ୍ତି, ସେଥିପାଇଁ ସେମାନଙ୍କର ଋଣ ଭାର ଆହୁରି ବୃଦ୍ଧି ପାଇଛି । ଯଦିଓ ରାଷ୍ଟ୍ରପତି ପୁଟିନ ଏହି କମ୍ପାନୀଗୁଡ଼ିକୁ ରିଲିଫ ଯୋଗାଇବା ପାଇଁ କିଛି ଋଣ ଛାଡ଼ ଯୋଜନା କରିଛନ୍ତି । ତଥାପି ଏହି କମ୍ପାନୀ ଗୁଡ଼ିକ ଉପରେ ଟାକ୍ସର ବୋଝ ବଢି ଯାଇଛି । ରିପୋର୍ଟରେ କୁହାଯାଇଛି କି, ଯଦି ସରକାର ଏହି ଏୟାରଲାଇନ କମ୍ପାନୀଗୁଡ଼ିକର ଋଣକୁ ଛାଡ଼ କରନ୍ତି, ତେବେ ସେହି ରାଶିରେ ସେମାନଙ୍କୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଦେବାକୁ ପଡ଼ିବ । ଏଥିରେ ବିମାନ କମ୍ପାନୀ ଗୁଡ଼ିକ ଉପରେ ବୋଝ ଆହୁରି ବଢି ଯିବ । ଏଥିରୁ ଅଧିକାଂଶ କମ୍ପାନୀମାନେ ବରମୁଡା , ଆୟରଲାଣ୍ଡ ଓ ୟୁରୋପରେ ରେଜିଷ୍ଟର୍ଡ ହୋଇଛନ୍ତି ।

# ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର

**ଭବାନୀପାଟଣା,(ନି.ପ୍ର):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୮୨ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୪୮ଗୋଟି ଓ ସାମୂହିତ ୩୦ ଗୋଟି ରହିଥିବା ବେଳେ ୧୦ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଓ ଜଣଙ୍କୁ ରେଡ଼କ୍ରସ ଫଣ୍ଡରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଉଚ୍ଚ ଶିକ୍ଷା ସହାୟତା ରାଶି ୧୬ ଜଣଙ୍କୁ ପ୍ରଦାନ କରାଯାଇଥିଲା । ମିଶନ ସକ୍ଷମତା ଫଣ୍ଡ ରାଶିରୁ ୧୦ ଜଣଙ୍କୁ ୫୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି ଜନଶୁଣାଣି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ପଞ୍ଚାୟତିରାଜ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ତହସିଲ ଇତ୍ୟାଦି ବିଭାଗ ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ଏହାର ଆଶୁ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ସୁଚେତା ପାଣି, ସି.ଡି.ଭି.ଓ. ଡଃ. ରଜନୀକାନ୍ତ ରଥ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ପଞ୍ଚାୟାତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ସହାୟକ ନିର୍ଦ୍ଦେଶକ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ତହସିଲଦାର ଭବାନୀପାଟଣା ଶୁଭସ୍ମୀତା ମିଶ୍ର, ବି. ଡି. ଓ. ଭବାନୀପାଟଣା ଚନ୍ଦନ ଭୋଇଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

## ସମାଜସେବୀକାଙ୍କ ପ୍ରଥମବାର୍ଷିକ ଶ୍ରାଦ୍ଧୋତ୍ସବରେ ସ୍ମୃତିଚାରଣ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମପଂଚାୟତ ବଡଥାକନ ଗ୍ରାମର ବିଶିଷ୍ଟ ସମାଜସେବୀକା ସ୍ୱର୍ଗୀୟା ପ୍ରେମଲତା ମହାନ୍ତିଙ୍କ ପ୍ରଥମବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିଚାରଣ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ ।



ଏଥିରେ ଆଲୋକରଞ୍ଜନ ପଟ୍ଟନାୟକ, ରେଣୁବାଳା ମହାନ୍ତି,ସୀମା ପଟ୍ଟନାୟକ, ମଧୁସ୍ମିତା ମହାନ୍ତି,ସରିତା ମହାନ୍ତି,ଉମାକାନ୍ତ ଦାସ,ଆଦ୍ୟାଶା ମହାନ୍ତି, ଦିବ୍ୟଜିତ ମହାନ୍ତି, ସ୍ୱାଧିନ ମିଶ୍ର, ସତ୍ୟ ଶଙ୍କର ମିଶ୍ର, ଗଙ୍ଗାଧର ନାୟକ,ବନମାଳି ପଣ୍ଡା, ମହେନ୍ଦ୍ର ବାରିକ ,ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଲକ୍ଷ୍ମଣ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗୀୟା ପ୍ରେମଲତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁ ମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ । ଶେଷରେ ତାଙ୍କର ପୁତ୍ର ଅଧାପକ ଡ.ଅମୂଲ୍ୟରତ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରବାଟୀରେ ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା

**କଟକ,୧୫।୧୧ :** ଲଗାତର ଇନିଂସ ପରାଜୟ ପରେ ଶେଷରେ ଘରୋଇ ମାଟିରେ ବିଜୟ ସ୍ୱାଦ ଚାଖିଛି ଓଡ଼ିଶା। ଚଳିତ ରଣଜୀ ଋତୁରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ସିଜିନର ୪ର୍ଥ ମ୍ୟାଚ୍ ଖେଳୁଥିବା ଓଡ଼ିଶା ବାରବାଟୀରେ ମହାରାଷ୍ଟ୍ରକୁ ୩ ଓ୍ୱିକେଟରେ ହରାଇ ଦେଇଛି।

ପ୍ରଥମ ଇନିଂସରେ ଗୁରୁତ୍ୱପୂର୍ଣ୍ଣ ୩୮ ରନର ଲିଡ୍ ପାଇଥିବା ତୃତୀୟ ଦିନରେ ଏଥିରେ ଆଉ ୧୨୯ ରନ ଯୋଡ଼ି ମହାରାଷ୍ଟ୍ରକୁ ମାତ ଦେଇଛି। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଅଧିନାୟକ ଗୋବିନ୍ଦ ପୋଦ୍ଦାର ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଜିତିଛନ୍ତି। ସେ ଦୁଇଟି ଇନିଂସରେ ୬ଟି ଓ୍ୱିକେଟ ନେଇଥିବା ବେଳେ ଟାର୍ଗେଟକୁ ପିଛା କରିବା ବେଳେ ଏକାକୀ ୪୮ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଛନ୍ତି।

ମହାରାଷ୍ଟ୍ର ତା'ର ପ୍ରଥମ ଇନିଂସରେ ମାତ୍ର ୧୬୨ ରନ କରିଥିଲା। ଓଡ଼ିଶା ପାଇଁ ସୁମିତ ଶର୍ମା ୪ଟି, ଅଧିନାୟକ ଗୋବିନ୍ଦ ପୋଦ୍ଦାର ୩ଟି, ତାରିଣୀ ସା ୨ଟି ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଓ୍ୱିକେଟ ନେଇଥିଲେ।

ଏହାର ଜବାବରେ ଓଡ଼ିଶା ପାଇଁ ପ୍ରଥମ ଇନିଂସରେ ସ୍ୱସ୍ତିକ ସାମଲ ୧୧୮ ରନ କରିଥିଲେ। ଏହା ପ୍ରଥମ ଶ୍ରେଣୀରେ ତାଙ୍କର ପ୍ରଥମ ଶତକ ଥିଲା। ଏହା ସତ୍ୱେ ଓଡ଼ିଶା ବ୍ୟାଟରମାନେ ପ୍ରଥମ ଇନିଂସରେ କେବଳ



୨୦୦ ରନ କରିପାରିଥିଲେ। ଓଡ଼ିଶାକୁ ପ୍ରଥମ ଇନିଂସରେ ୩୮ ରନର ଲିଡ ମିଳିଥିଲା।

ଦ୍ୱିତୀୟ ଇନିଂସରେ ମହାରାଷ୍ଟ୍ର ବ୍ୟାଟରଙ୍କୁ ପୁଣି ଓଡ଼ିଶାର ବୋଲାମାନେ ସ୍ପିନ ଜାଲରେ ଫସାଇଥିଲେ। ସୁମିତ ଶର୍ମା ୫ ଓ୍ୱିକେଟ ନେଇଥିବା ବେଳେ ପୋଦ୍ଦାର ପୁଣି ୩ ଓ୍ୱିକେଟ ଦଖଲ କରିଥିଲେ। ତାରିଣୀ ସାଙ୍କ ଖାତାକୁ ୨ଟି ଓ୍ୱିକେଟ ଯାଇଥିଲା। ଓଡ଼ିଶାର ଘାତକ ବୋଲିଂ ଯୋଗୁ ମହାରାଷ୍ଟ୍ର ତା'ର ଦ୍ୱିତୀୟ ଇନିଂସରେ କେବଳ ୧୬୬ ରନ କରିପାରିଥିଲା। ଏଥିଯୋଗୁ ଓଡ଼ିଶାକୁ ମ୍ୟାଚ୍ ଜିତିବା ପାଇଁ ୧୨୯ ରନର ଟାର୍ଗେଟ ମିଳିଥିଲା।

ଏହାକୁ ପିଛା କରୁଥିବା ଓଡ଼ିଶାର ବ୍ୟାଟିଂ ଲାଇନଅପ ଟଳମଳ ହୋଇଥିଲା। ପ୍ରଥମ ଇନିଂସରେ ଶତକ ମାରିଥିବା ସ୍ୱସ୍ତିକ ୯ ରନ ଓ ଅନ୍ୟତମ ଓପନର ଶାନ୍ତନୁ ମିଶ୍ର କେବଳ ୧୦ ରନ କରି ଆଉଟ ହୋଇଥିଲେ। ତେବେ ସନ୍ଦୀପ ପଟ୍ଟନାୟକ ଓ ପୋଦ୍ଦାର ସ୍ଥିତି ସମ୍ଭାଳିଥିଲେ। ସନ୍ଦୀପ ୩୬ ଓ ପୋଦ୍ଦାର ୪୮ ରନ କରି ଓଡ଼ିଶାକୁ ବିଜୟ ଆଡ଼କୁ ନେଇ ଯାଇଥିଲେ।

କିନ୍ତୁ ଦଳକୁ ବିଜୟ ପାଇଁ ୫ ରନ ଦରକାର ଥିବା ବେଳେ ପୋଦ୍ଦାର ଆଉଟ ହୋଇଯାଇଥିଲେ। ଏହାପରେ ଆର୍ଶିବାଦ ସ୍ୱାଇଁ ଓ ସୂର୍ଯ୍ୟକାନ୍ତ ପ୍ରଧାନ(୧) ଆଉଟ ହୋଇଥିଲେ। ତେବେ ଆର୍ଶିବାଦ ଆଉଟ ହେବା ପୂର୍ବରୁ ପୋଦ୍ଦାରଙ୍କ ସହ ମିଛି ଛୋଟିଆ ଭାଗିଦାରୀ କରିଥିଲେ। ସେ ୧୮ ରନ କରିଛନ୍ତି।

୧୨୫ ରନରେ ଓଡ଼ିଶା ୭ଷ୍ଟ ଓ୍ୱିକେଟ ହରାଇଥିଲା। ତେବେ ରାଜେଶ ଧୂପର ୧ ଓ ସୁମିତ ଶର୍ମା(୫ ବଲରେ ୫ ରନ) ଶେଷରେ ଚୌକା ମାରି ଦଳକୁ ଜିତାଇଥିଲେ।

ମହାରାଷ୍ଟ୍ର ବିପକ୍ଷ ବିଜୟ ପୂର୍ବରୁ ଓଡ଼ିଶା ଟିମ ମୁମ୍ବାଇ ଓ ବରୋଦା ଠାରୁ ଇନିଂସ ପରାଜୟବରଣ କରିଥିଲା। ସେହିପରି ଜମ୍ମୁ-କଶ୍ମୀର ସହ ମ୍ୟାଚକୁ ଡ୍ର ରଖିଥିଲେ। ତେବେ ପ୍ରଥମ ଇନିଂସ ଲିଡ ଯୋଗୁ ଉକ୍ତ ମ୍ୟାଚରେ ଓଡ଼ିଶାକୁ ୩ ପଏଣ୍ଟ ମିଳିଥିଲା।

# ଦୁବାଇ ସ୍ପୋର୍ଟସ ପାଇଁ କାମ କରିବେ ସାନିଆ ମିର୍ଜା

**ନୂଆଦିଲ୍ଲୀ,୧୫।୧୧ :** ଭାରତର ଟେନିସ ତାରକା ସାନିଆ ମିର୍ଜାଙ୍କ ଖେଳରୁ ଅବସର ନେଇଛନ୍ତି। କିନ୍ତୁ ତଥାପି ସେ ସକ୍ରିୟ ଅଛନ୍ତି। ନିକଟରେ ସାନିଆଙ୍କୁ ଦୁବାଇରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ତାଙ୍କ ସହ ପୂର୍ବତନ ଭାରତୀୟ ଖେଳାଳି ହରଭଜନ ସିଂ ମଧ୍ୟ ଏହି ସମ୍ମାନ ପାଇଛନ୍ତି।

ସାନିଆଙ୍କୁ ଦୁବାଇର ସ୍ପୋର୍ଟସ କରାଯାଇଛି। ଖେଳକୁ ଆଗକୁ ନେବା ପାଇଁ ସେ ଏଠାରେ କାର୍ଯ୍ୟ କରିବେ। ତାଙ୍କ ସହ ହରଭଜନ ସିଂ ମଧ୍ୟ ଏହି ପଦ ପାଇଛନ୍ତି। ସାନିଆ ଏବଂ ହରଭଜନ ପାଇଁ ଦୁବାଇରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୁବାଇର ଅନେକ ଅଧିକାରୀ ମଧ୍ୟ ଏଠାରେ ଉପସ୍ଥିତ ଥିଲେ।

ସାନିଆ ପ୍ରାୟତଃ ଦୁବାଇ ଯାଆନ୍ତି। ଯଦି ଗଣମାଧ୍ୟମର ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ସେ ଦୁବାଇରେ ମଧ୍ୟ ସମ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ସେ ଏଠାରେ କ୍ରୀଡା ପାଇଁ ମଧ୍ୟ କାର୍ଯ୍ୟ କରିବେ। ସାନିଆର ଟେନିସ କ୍ୟାରିୟର ଭଲ ରହିଛି। କମନୱେଲଥ



ଗେମ୍ସ ଏବଂ ଏସୀୟ ଗେମ୍ସରେ ସେ ଭାରତ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସାନିଆ ନିକଟରେ ଶୋଏବ ମଲିକଙ୍କଠାରୁ ଛାଡପତ୍ର ହୋଇଛନ୍ତି। ଛାଡପତ୍ର ପରେ ସେ ଏକୁଟିଆ ହୋଇଯାଇଛନ୍ତି। କିନ୍ତୁ ସେ ନିଜକୁ ନିୟନ୍ତ୍ରଣ କରି ଏବେ ଆଗକୁ ବଢୁଛନ୍ତି।

# ବୁମ୍ରାଙ୍କୁ ବାଉନ୍ସର ମାରିଲେ ରିଷଭ ପନ୍ତ

**ସିଡନୀ,୧୫।୧୧ :** ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ନଭେମ୍ବର ୨୨ରୁ ଆରମ୍ଭ ହେଉଛି। ପ୍ରଥମ ଟେଷ୍ଟ ମ୍ୟାଚ ପର୍ଥ ଷ୍ଟାଡିୟମରେ ଖେଳାଯିବ ଏବଂ ଟିମ ଇଣ୍ଡିଆ ଆଜିକାଲି ପଡ଼ିଆରେ ଅଭ୍ୟାସ କରୁଛି। ଏହି ସମୟରେ ଖେଳାଳିମାନେ ମଧ୍ୟ ଏକ ମଜାଦାର ମନୋଭାବରେ ନଜର ଆସିଥିଲେ। ରିଷଭ ପନ୍ତ ସାଧାରଣତଃ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା, କିନ୍ତୁ ଏଥର ସେ ବୋଲିଂରେ ନିଜର ଚେଷ୍ଟା କରିଛନ୍ତି। ଏପରିକି ସେ ଜସପ୍ରୀତ ବୁମ୍ରାଙ୍କୁ ଏକ ବାଉନ୍ସର୍ ବୋଲିଂ କରିବାକୁ ଚେଷ୍ଟା କରିଥିଲେ। ବିସିସିଆଇ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛି, ଯେଉଁଥିରେ ରିଷଭ ପନ୍ତ ବୋଲିଂ କୋଚ ମର୍ନେ ମର୍କେଲଙ୍କୁ ପଚାରିଥିଲେ, ସେ ବୁମରାଙ୍କୁ ଆଉଟ୍



କରିଛନ୍ତି ନା ନାହିଁ। ତା'ପରେ ବୁମ୍ରା କହିଛନ୍ତି, ରିଷଭଙ୍କର ହାସିମ ଆମଲାଙ୍କ ଭଳି ବୋଲିଂ ଆକ୍ସନ ଅଛି। ରିଷଭ ଏବଂ ବୁମରାଙ୍କ ମଧ୍ୟରେ ବିତର୍କ କୌତୁହଳପୂର୍ଣ୍ଣ ଥିଲା। କାରଣ ଗୋଟିଏ ପଟେ ବୁମରା ଦାବି କରିଛନ୍ତି ଯେ, ସେ ଆଉଟ୍ ହୋଇନାହାନ୍ତି। ଅନ୍ୟପକ୍ଷରେ ପନ୍ତ କହିଛନ୍ତି, ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ଗୋଟିଏ ଉଇକେଟ ନେଇଛନ୍ତି। ରିଷଭ ପନ୍ତଙ୍କ ପୁଲ୍ ଲେନ୍ଥରେ ୨-୩ ବଲ ବୋଲିଂ କରିଥିଲେ। ପନ୍ତଙ୍କ ବାଉନ୍ସର ବଲ୍‌ରେ ବୁମ୍ରା ଛକା ମାରିଥିଲେ। ବର୍ଡର-ଗାଭାସ୍କର ଟ୍ରଫିରେ ସର୍ବୋମ ହାରାହାରି ଖେଳୁଥିବା ରିଷଭ ପନ୍ତ ସେହି ବର୍ତ୍ତମାନର କ୍ରିକେଟରମାନଙ୍କ ମଧ୍ୟରୁ ଜଣେ। ଏହି ସିରିଜର ଇତିହାସରେ ସେ ୭ଟି ମ୍ୟାଚ ଖେଳିଛନ୍ତି।

# ଭାରତ ଆୟୋଜନ କରିପାରେ ଚାମ୍ପିଅନ୍ସ ଟ୍ରଫି !

**ନୂଆଦିଲ୍ଲୀ,୧୫।୧୧ :** ଚାମ୍ପିଅନ୍ସ ଟ୍ରଫି ମାମଲା ଏବେ ଏକ ଭିନ୍ନ ମୋଡ଼ ନେଇଛି। ଏହି ଆଇସିସି ଟୁର୍ନାମେ ବର୍ତ୍ତମାନ ପାକିସ୍ତାନରେ ନୁହେଁ ବରଂ ଭାରତରେ ଆୟୋଜିତ ହୋଇପାରେ। ଏହି ଅପଡେଟ ଏପରି ଏକ ସମୟରେ ଆସିଛି ଯେତେବେଳେ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଏବଂ ପାକିସ୍ତାନ ମୁହାଁମୁହିଁ ହୋଇଛନ୍ତି ଏବଂ ପିସିବି ଧମକ ଦେଇଛି ଯେ ଯଦି ଟିମ୍ ଇଣ୍ଡିଆ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଆସିବ ନାହିଁ, ତା'ହେଲେ ଏହା ସହିତ ଭବିଷ୍ୟତରେ କୌଣସି ମ୍ୟାଚ୍ ଖେଳିବ ନାହିଁ।

ଯଦି ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫିରୁ ଓହରିଯାଏ, ତେବେ ଏଭଳି ପରିସ୍ଥିତିରେ ପୁରା ଟୁର୍ନାମେଣ୍ଟକୁ ପାକିସ୍ତାନରୁ ସ୍ଥାନାନ୍ତର କରାଯାଇପାରିବ। ସମ୍ପ୍ରତି ଦକ୍ଷିଣ ଆଫ୍ରିକାକୁ ଚାମ୍ପିଅନ୍ସ ଟ୍ରଫିର ସମ୍ଭାବ୍ୟ ଆୟୋଜକ ଭାବରେ ଦେଖାଯାଉଥିଲା, କିନ୍ତୁ ଏକ ରିପୋର୍ଟ ଅନୁଯାୟୀ, ଚାମ୍ପିଅନ୍ସ ଟ୍ରଫିର କିଛି ଦିନ ପୂର୍ବରୁ ସାଉଥ ଆଫ୍ରିକା ୨୦ ଲିଗ୍ ସମାପ୍ତ ହେବ ଏବଂ ସମୟ ପୂର୍ବରୁ ପିଚ୍ ପ୍ରସ୍ତୁତ ହୋଇପାରିବ ନାହିଁ।

ସେହି ସମାନ ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ ଯଦି ପାକିସ୍ତାନ ଟୁର୍ନାମେଣ୍ଟରୁ ଓହରିଯାଏ କିମ୍ବା ହାଇବ୍ରିଡ ମଡେଲକୁ ଗ୍ରହଣ କରିବାକୁ ମନା କରେ, ତା'ହେଲେ



ଏହାର ହୋଷ୍ଟିଂ ଭାରତକୁ ହସ୍ତାନ୍ତର କରାଯାଇପାରେ। ଏପରିକି ଏହି ପ୍ରସଙ୍ଗରେ ବିସିସିଆଇ ସହିତ ଆଲୋଚନା ଆରମ୍ଭ ହୋଇଛି। ଆପଣଙ୍କୁ ମନେ ପକାଇଦେଉଛୁ କି କିଛି ଦିନ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ ବିସିସିଆଇରୁ ଉତ୍ତର ମାଗିଥିଲା ଯେ ଟିମ୍ ଇଣ୍ଡିଆ ପାକିସ୍ତାନକୁ ନଆସିବାର କାରଣ କ'ଣ? ଏହି ପରିପ୍ରେକ୍ଷୀରେ ବିସିସିଆଇ ଉତ୍ତର ମଧ୍ୟ ପ୍ରସ୍ତୁତ କରିଛି ଯେଉଁଥିରେ କୁହାଯାଇଛି ଯେ ସୁରକ୍ଷା ଦୃଷ୍ଟିରୁ ନିଜ ଦଳକୁ ସୀମା ପାର କରିବାକୁ ଚାହୁଁନାହିଁ। ୨୦୦୮ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ଦଳ କୌଣସି ମ୍ୟାଚ୍ କିମ୍ବା ସିରିଜ୍ ଖେଳିବାକୁ ପାକିସ୍ତାନ ଯାଇ ନାହିଁ।

# ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ : ଇଗଲ କ୍ରିକେଟ କ୍ଲବ୍ ଚମ୍ପିୟନ

**ଖୋର୍ଦ୍ଧା,୧୫।୧୧:** ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ର ନିର୍ଦ୍ଦେଶ ଅନୁସାରେ କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୁଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ଆଜି ଫାଇନାଲ ଖେଳରେ ଇଗଲ କ୍ରିକେଟ୍ କ୍ଲବ୍ ରାଇଜିଂଷ୍ଟାର କ୍ରିକେଟ କ୍ଲବ୍‌କୁ ୫ ଓ୍ୱିକେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଆଜି ମ୍ୟାଚ୍‌ରେ ଟସ୍‌ରେ ଜିତି ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଙ୍ଗ କରି ୪୦ ଓଭର ରେ ୫ ଟି ଓ୍ୱିକେଟ ହରାଇ ୨୩୮ ରନ୍ କରିଥିଲେ। ଦଳର ରଶ୍ମିକାନ୍ତ ଦାସ ୬୪ ରନ୍, ରଞ୍ଜିତ କୁମାର ପାଇକରାୟ ୬୪ ରନ, ସରୋଜ ପାତ୍ର ୪୫ ରନ କରିଥିଲେ। ଇଗଲ କ୍ଲବ୍ ତରଫରୁ ଶୁଭମ୍ ନାୟକ ୨ ଟି ଏବଂ ଆଦିତ୍ୟ ରାୟ ୨ଟି ଓ୍ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁତରରେ



ଇଗଲ କ୍ରିକେଟ୍ କ୍ଲବ୍ ୩୯.୩ ଓଭର ରେ ୫ ଟି ଓ୍ୱିକେଟ ହରାଇ ଆବଶ୍ୟକ ୨୩୯ ରନ୍ ସଂଗ୍ରହ କରି ନେଇଥିଲେ ଓ ଏହି ମ୍ୟାଚ୍‌କୁ ୫ ଓ୍ୱିକେଟ ରେ ଜିତି ନେଇଥିଲେ। ଇଗଲ ଦଳର ଜ୍ୟୋତିରଞ୍ଜନ ବେହେରାଙ୍କ (୮୮ ରନ୍) ଓ ଏସ ଦାସଙ୍କ (୫୯ ରନ) ଦ୍ୱିତୀୟ ଓ୍ୱିକେଟ୍ ୧୩୨ ରନ ର ଭାଗିଦାରୀ ଏବଂ ଧରଣୀଧର ସ୍ୱାଇଁଙ୍କ ୨୮ ରନ ଓ ସନ୍ଦୀପ ଚୌହାନ ୨୫ ରନ ର ସହାୟତା ମିଳିଥିଲା। ରାଇଜିଂଷ୍ଟାର କ୍ଲବ୍ ତରଫରୁ ସରୋଜ୍ ପାତ୍ର ଓ ଆର୍ଯ୍ୟାନ୍ ୨ ଲେଖାଏଁ ଓ୍ୱିକେଟ୍ ନେଇଥିଲେ। ଏହି ମ୍ୟାଚ୍‌କୁ ଚନ୍ଦ୍ର ପ୍ରକାଶ ବରାଳ ଓ ରହିମ ଖାନ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରା। ସ୍କୋରର ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍ ରେଫରି ଭାବେ ବ୍ରିଜେଶ ପ୍ରଧାନ ଓ ସଂଯୋଜକ ଭାବେ ଚଣ୍ଡୀ ପ୍ରାସାଦ ଆଚାର୍ଯ୍ୟ ଦାୟିତ୍ୱରେ ଥିଲେ। ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରିକେଟ୍ ସଂଘ ଜିଲ୍ଲା ଖୋର୍ଦ୍ଧାର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଓ ସି ଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ,ଅଧିବକ୍ତା ଅବ୍ୟକ୍ତ ହରିହର ଖାଡଙ୍ଗା, ରୋହିତ ରାୟ, ପ୍ରଭାତ ପ୍ରହରାଜ,କୋଚ୍ ସୌମେନ୍ଦ୍ର ମହାନ୍ତି, କାର୍ତ୍ତିକ ପ୍ରଧାନ, ସୁକାନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଫାଇନାଲର ଶ୍ରେଷ୍ଠ ଖେଳାଳି ଓ ବ୍ୟାଟ୍ସମ୍ୟାନ୍ ରୂପେ ଜ୍ୟୋତିରଞ୍ଜନ ବେହେରା,ଶ୍ରେଷ୍ଠ ବୋଲର ଭାବେ ତୀର୍ଥଙ୍କର ସାହୁ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ସରୋଜ ପାତ୍ରଙ୍କୁ ପୁରସ୍କାର ଦେବାସହ ଦୁଇ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ମାନଙ୍କୁ ନେଇ କଳାହାଣ୍ଡି କପ୍ ପାଇଁ ୨୫ ଜଣିଆ ଟିମ୍‌ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ବିକାଶ ପ୍ରଧାନ ଜଣାଇଛନ୍ତି।

# ୭ ଓଭର ମ୍ୟାଚରେ ପାକିସ୍ତାନର ୯ ଖେଳାଳି ଆଉଟ

**ନୂଆଦିଲ୍ଲୀ,୧୫।୧୧:** ଅଷ୍ଟ୍ରେଲିଆ ଓ ପାକିସ୍ତାନ ଟି -୨୦ ସିରିଜର ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ପାକିସ୍ତାନକୁ ୨୯ ରନରେ ପରାସ୍ତ କରିଛି। ଏହି ମ୍ୟାଚ୍ ମାତ୍ର ୭ ଓଭରର ଥିଲା। କିନ୍ତୁ ପାକିସ୍ତାନ ଦଳ ଏଥିରେ ୯ ଓ୍ୱିକେଟ୍ ହରାଇଥିଲା। ଏହା ତାଙ୍କ ପାଇଁ ଏକ ଲଜ୍ଜାଜନକ ପରାଜ। ଥିଲା ବାବର ଆଜାମ ଏବଂ ଅଧିନାୟକ ମହମ୍ମଦ ରିଜଓ୍ୱାନଙ୍କ ସମେତ ଅନେକ ଭେଟେରାନ ଖେଳାଳି ଫ୍ଲପ ହୋଇଥିଲେ। ଏହି ମ୍ୟାଚ୍ ୨୦ ଓଭର ହେବାର ଥିଲା, କିନ୍ତୁ ଖରାପ ପାଗ ଯୋଗୁଁ ଓଭର ହ୍ରାସ କରାଯାଇଥିଲା।

ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୭ ଓଭରରେ ୪ ଓ୍ୱିକେଟ୍ ହରାଇବା ପରେ ୯୩ ରନ୍ ସଂଗ୍ରହ କରିଥିଲା। ଏହି ସମୟରେ ଗ୍ଲେନ ମ୍ୟାକ୍ସୱେଲ ୪୩ ରନର ଚମତ୍କାର ଇନିଂସ ଖେଳିଥିଲେ। ୧୯ଟି ବଲକୁ ସାମ୍ନା କରି ସେ ୫ ଚୌକା ଓ ୩ଟି ଛକା ମାରିଥିଲେ। ସେହିପରି ମାର୍କସ୍ ଷ୍ଟୋଇନିସ୍ ୭ ବଲରେ ଅପରାଜିତ ୨୧ ରନ୍ ସ୍କୋର କରିଥିଲେ। ଷ୍ଟୋଇନିସ ଏହି ଇନିଂସରେ ୨ଟି ଚୌକା ଓ ଗୋଟିଏ ଛକା ମାରିଥିଲେ।

ସେହିପରି ଅଷ୍ଟ୍ରେଲିଆ ଦେଇଥିବା ଟାର୍ଗେଟକୁ ପିଛା କରି ଆସିଥିବା ପାକିସ୍ତାନୀ ଦଳ ମାତ୍ର ୭ ଓଭରରେ ୬୪ ରନ୍ ହିଁ ସ୍କୋର କରିପାରିଥିଲା। ସେମାନେ ୯ ଓ୍ୱିକେଟ୍ ହରାଇଥିଲେ। ରିଜଓ୍ୱାନ୍ ଶୂନ୍ୟରେ ଆଉଟ୍ ହୋଇଥିଲେ। ୩ ରନ୍ ସ୍କୋର କରିବା ପରେ ବାବର ଆଜାମ ଆଉଟ୍ ହୋଇଥିଲେ। ୪ ରନ୍ ସ୍କୋର କରିବା ପରେ ଉସମାନ



ଖାନ ପାଭିଲିୟନକୁ ଫେରିଥିଲେ। ସାହିବଜାଦା ଫରହାନ ୮ ରନ୍ ସ୍କୋର କରିବା ପରେ ପାଭିଲିଆନକୁ ଫେରିଥିଲେ। ଆଗା ସଲମାନ ମଧ୍ୟ ମାତ୍ର ୪ ରନ୍ ସ୍କୋର କରିଥିଲେ ନାଥନ୍ ଏଲିସ୍ ଅଷ୍ଟ୍ରେଲିଆ ପାଇଁ ୨ ଓଭର ବୋଲିଂ କରିଥିଲେ। ଏହି ଅବଧିରେ ସେ ୯ ରନରେ ୩ ଓ୍ୱିକେଟ୍ ନେଇଥିଲେ। ଜାଭିଅର୍ ବାର୍ଟଲେଟ୍ ୨ ଓଭରରେ ୧୩ ରନରେ ୩ ଓ୍ୱିକେଟ୍ ନେଇଥିଲେ।

# ଟୟୋଟା କିର୍ଲୋସ୍କର ଅର୍ବାନ କ୍ରୁଜର ହାଇରାଇଡରର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୫।୧୧:** ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ପକ୍ଷରୁ ଏହାର ଲୋକପ୍ରିୟ ମଡେଲ ଗ୍ଲାନଜା, ଅର୍ବାନ କ୍ରୁଜର ଟାଇଜର ଏବଂ ଅର୍ବାନ କ୍ରୁଜର ହାଇରାଇଡରର ସ୍ୱତନ୍ତ୍ର ଲିମିଟେଡ ସଂସ୍କରଣର ଶୁଭାରମ୍ଭ ସହିତ କାର କ୍ରେତାମାନଙ୍କ ପାଇଁ ସ୍ମରଣୀୟ ଅଫର ପ୍ରଦାନ ଘୋଷଣା କରାଯାଇଛି। ସମ୍ପ୍ରତି ପ୍ରବର୍ତ୍ତିତ ଫେଷ୍ଟିଭାଲ ଲିମିଟେଡ ସଂସ୍କରଣର ଅତ୍ୟଧିକ ସକାରାତ୍ମକ ପ୍ରତିକ୍ରିୟା ପରେ, ସ୍ୱତନ୍ତ୍ର ଲିମିଟେଡ ସଂସ୍କରଣ ଟୟୋଟା ଜେନୁଇନ ଆସେସୋରିଜ(ଟିଜିଏ) ପ୍ୟାକେଜ ପ୍ରଦାନ କରି ଗ୍ରାହକଙ୍କ ପ୍ରତି ଟୟୋଟାର ପ୍ରତିବଦ୍ଧତାକୁ ସୂଚିତ କରିବାକୁ ଯୋଜନା କରିଛି। ଗ୍ରାହକମାନଙ୍କୁ ସେମାନଙ୍କ ଯାନକୁ ବ୍ୟକ୍ତିଗତ କରିବାକୁ ଅନୁମତି ଦେଇ, ସ୍ପେଶାଲ ଲିମିଟେଡ ସଂସ୍କରଣ କ୍ରେତାମାନଙ୍କୁ ସେମାନଙ୍କର ପସନ୍ଦର ଟୟୋଟା ମଡେଲର ଏକ ସ୍ୱତନ୍ତ୍ର ଅପଗ୍ରେଡ ସଂସ୍କରଣର ଶୈଳୀ ଏବଂ ବର୍ଦ୍ଧିତ କାର୍ଯ୍ୟକାରିତା ସହିତ କିଣିବାର ଅବସର ପ୍ରଦାନ କରୁଛି। ଗ୍ରାହକମାନଙ୍କୁ ସ୍ପେଶାଲ ଲିମିଟେଡ ସଂସ୍କରଣ ପ୍ୟାକେଜ ମଧ୍ୟରେ ପସନ୍ଦର ଯାନ ଚୟନ ପାଇଁ ସୁବିଧା ପ୍ରଦାନ କରି ବର୍ଷର ଶେଷ ଏକ୍ସକ୍ଲୁସିଭ ଅଫରଗୁଡିକ ଲାଭ କରିବାର ସୁଯୋଗ ଆଣିଦେଇଛି। ସ୍ପେଶାଲ ଲିମିଟେଡ ସଂସ୍କରଣ ସହିତ ଟୟୋଟାର ଟୟୋଟା ଗ୍ଲାନଜା, ଅର୍ବାନ କ୍ରୁଜର ଟାଇଜର ଆଣ୍ଡ ରୁମିଅନ(ସିଏନଜି ମଡେଲ ବତୀତ)ରେ ୧ ଲକ୍ଷରୁ ଅଧିକ ମୂଲ୍ୟର ଅଫର ପ୍ରଦାନ କରୁଛି।

# ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ସିଇଓଙ୍କ ଅବସର

**ଭୁବନେଶ୍ୱର,୧୫।୧୧:** ଡିବିଏସ୍ ବ୍ୟାଙ୍କ ଲିମିଟେଡ୍‌ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଘୋଷଣା କରାଯାଇଛି ଯେ ଡିବିଏସ୍ ବ୍ୟାଙ୍କ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ସୁରୋଜିତ ସୋମେ ୨୦୨୫ ଫେବ୍ରୁଆରି ୨୮ରେ ଅବସର ଗ୍ରହଣ କରିବେ। ଡିବିଏସ୍ ବ୍ୟାଙ୍କ ଭାରତରେ ୩୦ ବର୍ଷ ଧରି ପରିଚାଳିତ ହେଉଛି ଏବଂ ଏହା ନିଜର ପ୍ରଥମ ଶାଖାକୁ ୧୯୯୪ରେ ମୁମ୍ବାଇରେ ଖୋଲିଥିଲା। ୨୦୧୫ ଏପ୍ରିଲ୍ ପରଠାରୁ ଡିବିଏସ୍ ବ୍ୟାଙ୍କ ଇଣ୍ଡିଆର ନେତୃତ୍ୱ ନେବାର ସଫଳ କ୍ୟାରିୟର ପରେ ସୁରୋଜିତ ସୋମେ କିଛି ଦିନ ପୂର୍ବେ ଅବସର ଗ୍ରହଣ କରିବା ଏବଂ ନିଜର ଉତରାଧିକାରୀ ସନ୍ଧାନ କରିବା ଲାଗି ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ବୋର୍ଡ ଡିବିଏସ୍ ଗ୍ରୁପ୍ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ କାର୍ଯ୍ୟ କରିବା ଲାଗି ଅଭିଳାଷ ପ୍ରକାଶ କରିଥିଲେ। ଉତରାଧିକାରୀ ପାଇଁ ଡିବିଏସ ବ୍ୟାଙ୍କ ଇଣ୍ଡିଆ ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଅନୁମୋଦନ ପ୍ରତୀକ୍ଷାରେ ରହିଛି ଏବଂ ନିୟମାକ ଅନୁମୋଦନ ମିଳିବା ପରେ ଏ ସଂକ୍ରାନ୍ତରେ ଘୋଷଣା କରିବ।

# ଟିପିଏସ୍‌ଓଡିଏଲ୍ ସୋଲାର ପ୍ଲାଣ୍ଟ କାର୍ଯ୍ୟକ୍ଷମ

**ବ୍ରହ୍ମପୁର,୧୫।୧୧:** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ(ଟିପିଏସ୍‌ଓଡିଏଲ୍) ପରିବେଶ ଅନୁକୂଳ ଜୀବନ ଶୈଳୀ ଏବଂ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। କମ୍ପାନୀ ପକ୍ଷରୁ ବ୍ରହ୍ମପୁର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ୧୦୦ କିଲୋଓ୍ୱାଟ କ୍ଷମତା ବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇଛି। ବର୍ତ୍ତମାନ ପ୍ଲାଣ୍ଟର ୪୮.୯ କିଲୋଓ୍ୱାଟ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ସୋଲାର ପ୍ଲାଣ୍ଟର ଶୁଭାରମ୍ଭ କରିବା ସହ ନିରନ୍ତର ବିକାଶର ସଂସ୍କୃତିକୁ ବଜାୟ ରଖିବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ଷମ ହୋଇଥିବା ୪୮.୯ କିଲୋଓ୍ୱାଟ ପ୍ଲାଣ୍ଟ ମାସିକ ପ୍ରାୟ ୭,୫୦୦ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରିବ। ଏହି ପଦକ୍ଷେପ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ। ଏହି ୧୦୦ କିଲୋଓ୍ୱାଟର ସୋଲାର ପ୍ଲାଣ୍ଟ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବା ପରେ, ମାସିକ ପ୍ରାୟ ୧୫,୦୦୦ ୟୁନିଟ୍ ବିଦ୍ୟୁତ ଉତ୍ପାଦନ କରିବ। ଏହି ପ୍ଲାଣ୍ଟ ଦ୍ୱାରା କର୍ପୋରେଟ କାର୍ଯ୍ୟାଳୟର ଚାହିଦା ପୂରଣ ହେବା ସହ ବଳକା ବିଜୁଳି ମଧ୍ୟ ଉତ୍ପାଦନ ହେବ। ଆଗାମୀ ୨୫ ବର୍ଷ ମଧ୍ୟରେ ଏହା ଦ୍ୱାରା ପ୍ରାୟ ୨,୮୦୦ ଟନ୍ ଅଙ୍ଗାରକାମ୍ଳ ନିର୍ଗମନକୁ ରୋକାଯାଇପାରିବ। ଏହି ପଦକ୍ଷେପ ସ୍ଥାୟୀ ଶକ୍ତି ଅଭ୍ୟାସ ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ଆମର କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବା ଏବଂ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସରେ ଏହି ସୋଲାର ପ୍ୟାନେଲ ସ୍ଥାପନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ।

# ୧୨୯ କ୍ରୀଡ଼ାବିତଙ୍କୁ ଆର୍ଥିକ ପୁରସ୍କାର

**ନୂଆଦିଲ୍ଲୀ,୧୫।୧୧:** ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକରେ ନିଜର ଉଲ୍ଲେଖନୀ। ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବା ରାଜ୍ୟର ୧୨୯ଜଣ ସଫଳ କ୍ରୀଡ଼ାବିତଙ୍କୁ ରାଜ୍ୟ ସରକାର ଆଜି ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି । ୧୫ଟି କ୍ରୀଡ଼ାବର୍ଗର ଏହି କ୍ରୀଡ଼ାବିତମାନଙ୍କୁ ମୋଟ ୧୭ଲକ୍ଷ ୮୩ହଜାର ୫୦୦ଟଙ୍କାର ପୁରସ୍କାର ରାଶି ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ, ଖୋଖୋ କ୍ରୀଡ଼ାବିତଙ୍କୁ ୩.୭୫ଲକ୍ଷ ଟଙ୍କା, କରାଟେ କ୍ରୀଡ଼ାବିତଙ୍କୁ ୩.୫୮ଲକ୍ଷ ଟଙ୍କା, ଫେଂଚକ ସିଲେଟ କ୍ରୀଡ଼ାବିତଙ୍କୁ ୨.୬୦ଲକ୍ଷ ଟଙ୍କା ଓ ବୁଶୁ କ୍ରୀଡ଼ାବିତଙ୍କୁ ୧.୯୬ଲକ୍ଷ ଟଙ୍କା, ପାରା-ଆଥଲେଟିକଙ୍କୁ ୧.୧୭ଲକ୍ଷ ଟଙ୍କା, ବେସବଲ୍ ଖେଳାଳୀଙ୍କୁ ୨୪୫୦୦ଟଙ୍କା, ତାଇକ୍ୱାଣ୍ଡୋଙ୍କୁ ୯୮ହଜାର ଟଙ୍କା, ମୂକବଧିର କ୍ରିକେଟ୍ ଖେଳାଳୀଙ୍କୁ ୬୨୫୦୦ଟଙ୍କା, ଚେସ୍ କେଳାଳୀଙ୍କୁ ୫ହଜାର, ସନ୍ତରଣକାରୀଙ୍କୁ ୩୭ହଜାର, ଭାରୋତ୍ତୋଳନ କାରୀଙ୍କୁ ୪୪ହଜାର, ପାରା ସନ୍ତରଣକାରୀଙ୍କୁ ୫୩ହଜାର, ପାରା-ବ୍ୟାଡ଼ମିଂଟନକାରୀଙ୍କୁ ୩୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି ।

ଆଜିର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଯୋଗ ଦେଇ ଏହି ଅର୍ଥ ପୁରସ୍କାର ପ୍ରଦାନ କରିଥିବା ଜଣାପଡ଼ିଛି ।

# ସାମସଙ୍ଗ ଟିଭି ପ୍ଲସ ଭାଏକମ୍ ୪ ନୂଆ ଏଫଏଏସଟି ଚାନେଲର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୫।୧୧:** ସାମସଙ୍ଗ ଟିଭି ପ୍ଲସ, ଭାରତରେ ଏହି ବ୍ରାଣ୍ଡର ବିଜ୍ଞାପନ ମୁକ୍ତ ସମର୍ଥିତ ପ୍ରଦାନକାରୀ ଟିଭି (ଏଫଏଏସଟି) ସେବା, ଭାଏକମ୍୧୮ର ମିଳିତ ସହଯୋଗରେ ୪ଟି ନୂତନ ଏଫଏଏସଟି ଚାନେଲ ଏକ୍ସକ୍ଲୁଜିଭ ଭାବରେ ସାମସଙ୍ଗ ଟିଭି ପ୍ଲସରେ ଶୁଭାରମ୍ଭ କରିଛି ଯାହା ମଧ୍ୟରେ ରହିଛି ସୁପରହିଟ୍ ବିଟସ୍, କାନଫୋର୍ଡ଼ ମ୍ୟୁଜିକ୍, ଫୁଲ୍ଲୀ ଫାଲତୁ ଏବଂ କଲରସ ଇନଫିନିଟ୍ ଲାଇଟ୍। ସାମସଙ୍ଗ ଟିଭି ପ୍ଲସ ଏକ ମୁକ୍ତ ସମର୍ଥିତ ସେବା ପ୍ରଦାନକାରୀ ଅଟେ ଯାହା ସାମସଙ୍ଗ ସ୍ମାର୍ଟ ଟିଭିରେ ପ୍ରି-ଇନଷ୍ଟଲ ହୋଇଛି ଯାହାକି ଅନେକ ଗୁଡ଼ିଏ ଚାନେଲ କିଛି ବଛାବଛା ଦେଶକୁ ପ୍ରଦାନ କରୁଛି ଯାହା ମଧ୍ୟରେ ରହିଛି ସମ୍ବାଦ, ଖେଳ, ମନୋରଞ୍ଜନ ତଥା ଆହୁରି ଅନେକ କିଛି। ଭାରତରେ ସାମସଙ୍ଗ ଟିଭି ପ୍ଲସ ଏହାର ଦର୍ଶକମାନଙ୍କୁ ୧୦୦ରୁ ଉର୍ଦ୍ଧ୍ୱ ସିଧାପ୍ରସାରଣ ଏବଂ ହଜାର ହଜାର ସଂଖ୍ୟାର ଚଳଚ୍ଚିତ୍ର ସହିତ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଯାହା ସିଧାସଳଖ ଏବଂ ଦର୍ଶକଙ୍କ ଚାହିଦାକୁ ନେଇ ପ୍ରସାରିତ ହେଉଛି। "ଆମେ ସାମସଙ୍ଗ ଟିଭ ପ୍ଲସ ମଂଚରେ ଭାଏକମ୍ ୧୮ର ସହଭାଗୀତା ପାଇଁ ଅତ୍ୟନ୍ତ ଉଲ୍ଲସିତ ଭାବରେ ଏହାକୁ ସ୍ୱାଗତ କରୁଛୁ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ